## ୨୪.୪ ଗ୍ରାମ ବ୍ରାଉନସୁଗାର ଜବତ: ୩ ଗିରଫ

ପାରାଦୀପ/ବିରିଡି,(ସ୍ୱ.ପ୍ର.)ପାରାଦୀପ ଆଦର୍ଶଥାନା ପୋଲିସ ଦୁଇ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଠରବାଙ୍କୀର ମନୋଜ ନନ୍ଦୀ ଓ ଲକ୍ପଡା ଅଞ୍ଚଳର ସନାତନ ମଲ୍ଲିକ। ସେମାନଙ୍କଠାରୁ ୭.୫ ଗ୍ରାମ ଲେଖାଏ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। ସେହିପରି ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ବିରିଡି ଥାନା ପୋଲିସ ଉଜୁନ୍ଦରା ପଞ୍ଚାୟତର ଚନ୍ଦ୍ରଶେଖର ବେହେରା ଓରଫ ରାଜା (୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୯.୪ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଥାନାରେ ୧୮୭/୨୨ରେ ମାମଲା ରୁଜୁ ହୋଇଛି।

# ସରକାରୀ ତଥ୍ୟରେ ସମାନତା ନାହିଁ

- ସ୍କୁଲ, ପୌରପାଳିକା କହୁଛି ଆର୍ ଆଣ୍ଡ ବି କରିଛି
- ବିଭାଗ ପକ୍ଷରୁ ମନା କରାଯାଉଛି

ପାରାଦୀପ, ୩୧୯(ସ୍ୱ.ପ୍ର.)

ରାଜ୍ୟରେ ସ୍ୱଚ୍ଛ ଶାସନ ସମ୍ପର୍କରେ ସରକାର ପ୍ରାୟତଃ ଗଣମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି। କିନ୍ତୁ ବାସ୍ତବରେ ଅନେକ ସ୍ଥାନରେ ସରକାରୀ ତଥ୍ୟରେ ସମାନତା ଦେଖିବାକୁ ମିଳୁନି। ଏହାର ଦୃଷ୍ଟାନ୍ତ ଜଗତସିଂହପୁର ଜିଲା ପାରାଦୀପ ପୌରାଞ୍ଚଳରେ ଦେଖିବାକୁ ମିଳିଛି।

ପାରାଦୀପ ପୌରାଞ୍ଚଳର ଅନେକ ସ୍ଥାନରେ ଆର ଆଣ୍ଡ ବି ଡିଭିଜନ(ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ) ଜଗତସିଂହପୁର ପକ୍ଷରୁ ନୂତନ ପ୍ରକଳ୍ପ, ମରାମତି, ନବୀକରଣ, ରୂପାନ୍ତରିକରଣ ଆଦି କରାଯାଇଛି। ମାତ୍ର ସେ ସମ୍ପର୍କରେ ତଥ୍ୟ ମାଗିଲେ ତା'ର କୌଣସି ଉତ୍ତର ମିଳୁନାହିଁ। ପାରାଦୀପ ପୌରାଞ୍ଚଳରେ କୌଣସି କାମ କରାଯାଇନାହିଁ ବୋଲି ଲିଖିତ ଭାବେ ସୂଚନା ମିଳିଛି। ଅପରପକ୍ଷେ ମୋ ସ୍କୁଲ ପକ୍ଷରୁ ଲିଖିତ ଭାବେ କୁହାଯାଇଛି ଯେ, ସ୍କୁଲର ମରାମତି ଓ ରୂପାନ୍ତରିକରଣ କାମ ଆର ଆଣ୍ଡ ବି ଡିଭିଜନ ଓ ମ୍ୟୁନିସିପାଲିଟି କରିଛି। ଏଭଳି ଭିନ୍ନ ଉତ୍ତରରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରୁନାହିଁ।

ପାରାଦୀପ ପୌରାଞ୍ଚଳର ୧୯ଟି ଯାକ ୱାର୍ଡ ସୀମା ମଧ୍ୟରେ ଆର ଆଣ୍ଡ ବି ଡିଭିଜନ ୨୦୧୮ ମାର୍ଚ୍ଚ ୩୧ରୁ ୨୦୨୨ ଏପ୍ରିଲ ୧ ତାରିଖ ମଧ୍ୟରେ କେଉଁ କେଉଁ ମରାମତି ନବୀକରଣ, ନୂତନ ପ୍ରକଳ୍ପ, ରୂପାନ୍ତରୀକରଣ ଆଦି କାମ କରିଛି ତାର ସବିଶେଷ ବିବରଣୀ ମଗାଯାଇଥିଲା। ସୂଚନା ଆଇନ ଜରିଆରେ ଜୁନ ୭ରେ ଏସବୁ ତଥ୍ୟ ମଗାଯାଇଥିଲା। ଏହାର ଜବାବ ଧାର୍ଯ୍ୟ ସମୟ ୩୦ ଦିନ ମଧ୍ୟରେ ମିଳିଲା ନାହିଁ। ଏନେଇ ପ୍ରଥମ ଅପିଲ ଜୁଲାଇ ୮ରେ କରାଯାଇଥିଲା। ଏହାର ମାସକ ପରେ ଅଗଷ୍ଟ ୧୬ରେ ସୁପରଣ୍ଟେଣ୍ଡିଙ୍ଗ ଇଞ୍ଜିନିୟର ଆର ଆଣ୍ଡ ବି ଡିଭିଜନ ଜଗତ୍‌ସିଂହପୁର ଅଫିସ ପକ୍ଷରୁ ଉତ୍ତର ମିଳିଛି। ଚିଠି ନଂ.୨୮୯୬ରେ ଜନସୂଚନା ଅଧିକାରୀ ଲିଖିତ ଭାବେ ଦର୍ଶାଇଛନ୍ତି ଯେ, ପାରାଦୀପ ପୌରାଞ୍ଚଳରେ ଥିବ କୌଣସି ୱାର୍ଡରେ ବିଭାଗ ପକ୍ଷରୁ କାମ କରାଯାଇନାହିଁ।

ଅପରପକ୍ଷେ, ପାରାଦୀପର ୧୪ ନଂ ୱାର୍ଡ ନୂଆବଜାରରେ ଥିବା ସଞ୍ଜୟ ଗାନ୍ଧୀ ହାଇସ୍କୁଲର ମରାମତି ନବୀକରଣ ରୂପାନ୍ତରିକରଣ ସମ୍ପର୍କରେ ଗତ ଏପ୍ରିଲ ୨୮ରେ ସୂଚନା ମଗାଯାଇଥିଲା। ଜବାବରେ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ା ମେ' ୨୭ ରେ ସୂଚନା (ଚିଠି ନଂ ୫୨/୨୦୨୨)ଦେଇଥିଲେ। ସେଥିରେ ସେ ଦର୍ଶାଇଛନ୍ତି, ସ୍କୁଲକୁ ୨୦୧୮ ରୁ ୨୦୨୨ ମଧ୍ୟରେ ଦୁଇଥର ମରାମତି କରାଯାଇଛି। ଆର ଆଣ୍ଡ ବି ଡିଭିଜନ ଓ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏନେଇ ୧୫ ଲକ୍ଷ ଟଙ୍କା ଏନଇଏଫ୍‌ଟିରେ ପଠାଯାଇଛି। ସେହିପରି ପାରାଦୀପ ପୌରପାଳିକାକୁ କିଛି ସୂଚନା ମଗାଯାଇଥିଲା। ଗତ ଜୁଲାଇ ୨ରେ ମିଳିଥିବା ସୂଚନା (ଚିଠି ନଂ ୨୫୮୯)ରେ ୮୫ ପୃଷ୍ଠାର ଉତ୍ତର ମିଳିଛି। ସେଥିରେ ଅନେକ ସ୍ଥାନରେ କାମର ସବିଶେଷ ସୂଚନା ଆର ଆଣ୍ଡ ବି ଡିଭିଜନକୁ ଦିଆଯାଇଛି ବୋଲି ଦର୍ଶାଯାଇଛି। କିନ୍ତୁ ସୂଚନା ମାଗିଲେ କୌଣସି ଉତ୍ତର ମିଳୁନାହିଁ।

ଏ ସମ୍ପର୍କରେ ଆର ଆଣ୍ଡ ବି ଯନ୍ତ୍ରୀ ନିମାଇଁ ଦାସଙ୍କୁ ପଚାରିଲେ କୁହନ୍ତି,ଆମ ବିଭାଗ ପକ୍ଷରୁ ୨୦୧୮ ରୁ ୨୦୨୨ ମଧ୍ୟରେ କିଛି ନୂଆ କାମ ହୋଇନାହିଁ। ମୋ ସ୍କୁଲ ଦେଇଥିବା ଚିଠିରେ ଏହି ବିଭାଗ ନାମ ରହିଥିବା କୁହାଯିବାରୁ ଦାସ କହିଥିଲେ ମୋ ପାଖକୁ ଉକ୍ତ ଚିଠି ପଠାନ୍ତୁ। ତାକୁ ଦେଖିବା ପରେ ମତ ରଖିବି।



ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ଚାଷୀଙ୍କୁ କ୍ଷତିପୂରଣ ଦାବିରେ ତହସିଲ ଅଫିସ ଘେରାଉ

କୁଜଙ୍ଗ,୩୧୯(ଡି.ଏନ୍.ଏ.)

ଲଘୁଚାପ ଜନିତ ବର୍ଷା ଓ ବନ୍ୟା ବିପ୍ରାତ ଯୋଗୁ କୁଜଙ୍ଗ ବ୍ଲକରେ ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ କ୍ଷତିପୂରଣ ଦାବି କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କୁଜଙ୍ଗ ପାରାଦୀପ ଆଞ୍ଚଳିକ କମିଟି ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶତାଧିକ କର୍ମୀ ପ୍ରତିବାଦ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ସେଠାରେ ପ୍ରତିବାଦ ସଭା କରିଥିଲେ। ଶ୍ରୀନିବାସ ଜୁଝାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ସଭ୍ୟ ତଥା କୁଜଙ୍ଗ ପାରାଦୀପ ଆଞ୍ଚଳିକ କମିଟିର ସମ୍ପାଦିକା ଡାକ୍ତର ଜିନ୍ମୟୀ ସାହାଣୀ ଯୋଗଦେଇ କହିଥିଲେ, ଚଳିତ ବର୍ଷ ବନ୍ୟା ବିପ୍ରାତ ଯୋଗୁ ବ୍ଲକର ୧୦ ପଞ୍ଚାୟତର ପାଖାପାଖି ୩୫ ହଜାର ଲୋକ ଏକ ସପ୍ତାହ ଧରି ପାଣି ଘେରରେ ରହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ସରକାରଙ୍କ ତରଫରୁ ଠିକ୍ ସମୟରେ ସେମାନଙ୍କୁ ଡଙ୍ଗା ଓ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନ ପକ୍ଷରୁ ଯେଉଁ ରିଲିଫ୍ ଦିଆଯାଇଥିଲା ତାହା ସମୁଦ୍ରକୁ ଶଙ୍ଖେ ଥିଲା। ଏହି ବନ୍ୟା ଯୋଗୁ ଚାଷୀ କୂଳର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଧାନ ଓ ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡିଯାଇଛି। ସେହିପରି ୨୦୨୧ ଲଗାଣ ବର୍ଷାରେ ଧୋୟା ଅଞ୍ଚଳର ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ସରକାରଙ୍କ ତରଫରୁ କ୍ଷୟକ୍ଷତି ଆକଳନ ହୋଇଥିଲେ ବି ଏପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳପାରିନାହିଁ। ସରକାର ତୁରନ୍ତ ଫସଲର କ୍ଷତି ପୂରଣ ପ୍ରଦାନ ସହ ସମସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନ, ବନ୍ୟା କ୍ଷତିଗ୍ରସ୍ତ ଚାଷୀକୁ କୃଷି ଋଣ ଛାଡ଼, ଉପଯୁକ୍ତ ଚିନାବାଦାମ ମଞ୍ଜି ପ୍ରଦାନ, ପନିପରିବା ମଞ୍ଜି ଓ ସାର ଔଷଧ ମାଗଣାରେ ପ୍ରଦାନ, ବନ୍ୟାଞ୍ଚଳରେ ଭାଙ୍ଗି ଯାଇଥିବା ଘରର ତଦନ୍ତ ଓ ବାଲିଚର ଚଢ଼ିଯାଇଥିବା ଜମିର କ୍ଷତି ପୂରଣ ଭଳି ୧୩ ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଥିଲା। ଏସବୁ ଦାବି ୧୫ ଦିନ ମଧ୍ୟରେ ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ସମାବେଶରେ ଅଖିଳ ଭାରତ କୃଷକ ସଭା ରାଜ୍ୟ ସଭାପତି ଶଶୀଭୂଷଣ ସ୍ୱାଇଁ, ଶ୍ରମିକ ନେତା ସୁବାସ ମହାପାତ୍ର, ରବୀନ୍ଦ୍ର ମାଝି, ବିଷ୍ଣୁ ଚରଣ ମୁଦୁଲି, ଶରତ ବେହେରା, ପ୍ରତିମା ମଲ୍ଲିକ୍, ବସନ୍ତ ସାମଲ, ପ୍ରଶାନ୍ତ ପ୍ରଧାନ, କଲ୍ୟାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଦାବିପତ୍ର ଦିଆଯାଇଥିଲା।

# ନାବାଳିକାଙ୍କୁ ୪ ଦିନ ଧରି ବଳାତ୍କାର

## ପାରାଦୀପରେ ପୁଣି ଲଜ୍ଜା

ପାରାଦୀପ ୩୧୯(ସ୍ୱ.ପ୍ର.)

ପାରାଦୀପରେ ଜଣେ ଆଶାକର୍ମୀଙ୍କୁ ଗଣବଳାତ୍କାର କରାଯିବାର ସପ୍ତାହେ ନ ବିତୁଣୁ ବନ୍ଦର ସହରରେ ପୁଣି ଏକ ଅନୁରୂପ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଲକ୍ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗୋଟିଏ ଘରେ ଅଟକ ରଖି ୪ ଦିନ ଧରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଶନିବାର ରାତି ପ୍ରାୟ ୧୧ଟାରେ ପୀଡ଼ିତାଙ୍କୁ ଉଦ୍ଧାର କରଛି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ମାମଲା ରୁଜୁ ହୋଇ ନ ଥିଲା।

ନାବାଳିକାଙ୍କ ଘର ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ। ସେ ଦଶମ ଶ୍ରେଣୀର ଛାତ୍ରୀ। ଯେଉଁ ଗାଡ଼ିରେ ସେ ସ୍କୁଲ ଯିବାଆସିବା କରନ୍ତି, ସେହି ଗାଡ଼ିର ଚାଳକ ୪ ଦିନ ତଳେ ତାଙ୍କୁ ବଳପୂର୍ବକ ଉଠାଇ ନେଇ ଲକ୍ ଥାନା ଅଞ୍ଚଳର ଏକ ଘରେ ରଖି ବଳାତ୍କାର କରୁଥିଲେ। ନାବାଳିକାଙ୍କୁ ପରିବାର ଲୋକେ ଖୋଜାଖୋଜି କରୁଥିଲେ ହେଁ ସମ୍ପୃକ୍ତ ଗାଡ଼ି ଚାଳକ କିଛି ଜାଣି ନ ଥିବା ଅଭିନୟ କରି ଏଡ଼ାଇ ଯାଉଥିଲେ। ଶନିବାର ରାତି ୮ ଟାରେ ବିଶେଷ ସୂତ୍ରରୁ ଖବର ପାଇ ପରିବାର ଲୋକେ ପୁଣିଥରେ ଗାଡ଼ି ଚାଳକଙ୍କୁ ପଚରାଉଚରା କରିବାରୁ ସେ ନାବାଳିକାଙ୍କୁ ଅଟକ ରଖିଥିବା ଜଣାପଡ଼ିଥିଲା। ପୋଲିସ ଓ ପରିବାର ଲୋକେ ଗାଡ଼ି ଚାଳକଙ୍କୁ ଧରି ଘଟଣାସ୍ଥଳରୁ ନାବାଳିକାଙ୍କୁ ଉଦ୍ଧାର କରିଥିବା ଲକ୍ ଥାନାଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି। ପ୍ରକାଶ ଯେ, ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଗତ ୨୬ ତାରିଖରେ ଜଣେ ଆଶାକର୍ମୀଙ୍କୁ ୪ ଯୁବକ କାର୍‌ରେ ଉଠେଇ ନେଇ ନେହେରୁ ବଙ୍ଗଳା ପଥରବନ୍ଧ ପାଖରେ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଭିଡ଼ ଦୃଷ୍ଟିରୁ ମାସ୍କ ବାଧ୍ୟତାମୂଳକ

## ମା ଶାରଳାଙ୍କ ପୀଠରେ ଦଶହରା ପୂଜା ନେଇ ପ୍ରସ୍ତୁତି

ଜଗତ୍‌ସିଂହପୁର ଅଫିସ, ୩୧୯

ଗତ ୨ ବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁ ମା'ଶାରଳାଙ୍କ ପୀଠରେ ଦଶହରା ଉପରେ କଟକଣା ଜାରି କରାଯାଇଥିଲା। ଚଳିତବର୍ଷ ପରିସ୍ଥିତିରେ ସୁଧାର ଆସିଥିବାରୁ ପୂଜା ରୀତିନୀତି ଅନୁଯାଇ କରାଯିବ। ଏନେଇ ମନ୍ଦିରରେ ଭିଡର ଆଶଙ୍କା ଥିବାରୁ କୋଭିଡ୍ ସଂକ୍ରମଣର ସମ୍ଭାବନା ରହିଛି। ଏ ପରିସ୍ଥିତିକୁ ଏଡ଼ାଇବା ପାଇଁ ମନ୍ଦିରକୁ ଯେଉଁମାନେ ଯିବେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ପୀଠରେ ପୂଜା କିପରି ଶୃଙ୍ଖଳିତ ଭାବେ ଆୟୋଜନ ହେବ ସେନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୌରୋହିତ୍ୟ କରି ଜିଲାପାଳ ପାରୁଲ ପଟୱାରି ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ କହିଥିଲେ, କୋଭିଡ୍ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯାହା ମାର୍ଗଦର୍ଶିକା ଆସିବ ତାହା କାର୍ଯ୍ୟକାରୀ କରାଯିବ। ଆସନ୍ତା ସେପ୍ଟେମ୍ବର ୧୭ରୁ ମା'ଙ୍କ ଷୋଡ଼ଶ ପୂଜାବିଧି। ମନ୍ଦିରର ଦୈନନ୍ଦିନ ପୂଜାବିଧିକୁ ଶୃଙ୍ଖଳିତ କରିବା ନିମନ୍ତେ ମନ୍ଦିର ପରିସରରେ ସେପ୍ଟେମ୍ବର ୬ରେ ଉପଜିଲାପାଳଙ୍କ ପୌରୋହିତ୍ୟରେ ସବ୍‌କମିଟି ବୈଠକ ଅନୁଷ୍ଠିତ ହେବ। ଏଥିରେ ମନ୍ଦିର ନିର୍ବାହୀ ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ତିର୍ତ୍ତୋଲ ଥାନା ଆରକ୍ଷୀ ନିରୀକ୍ଷକ, ବିଡିଓ, ତହସିଲଦାର, ମଣିଜଙ୍ଗା ମେଡିକାଲ ଅଫିସରଙ୍କ ସମେତ ସେବାୟତ, ଅଗ୍ନିଶମ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବେ। ବୈଠକରେ ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ୍, ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରି ଆବଶ୍ୟକ ପୋଲିସ ବ୍ୟବସ୍ଥା କରିବେ। ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଓ ମୋବାଇଲ ଟଏଲେଟ୍ ବ୍ୟବସ୍ଥା କରାଯିବ। ମନ୍ଦିର ପକ୍ଷରୁ ସୂଚନା କେନ୍ଦ୍ର ମାଧ୍ୟମରେ ଜନ ସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବ ବୋଲି ବୈଠକରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ମନ୍ଦିର ନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, ତହସିଲଦାର ସୁଜାତା ପାତ୍ର, ବିଡିଓ ଅଟଳ ବିହାରୀ ସ୍ୱାଇଁ, ତିର୍ତ୍ତୋଲ ଆଇଆଇସି ଯୁଗଳ କିଶୋର ଦାସ, ମନ୍ଦିର ବଡପଣ୍ଡା ରଞ୍ଜନ କୁମାର ପଣ୍ଡା, ସୁଦାମ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ।

# ସଂକ୍ଷେପରେ

## ମୁଣ୍ଡରେ ମାଉଜର ଲଗାଇ କାର୍ ଲୁଟ୍

ରଘୁନାଥପୁର,୩୧୯(ଡି.ଏନ୍.ଏ.): ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାଜ୍ୟ ରାଜପଥର ତାରପୁର ବାଇପାସ ଅଞ୍ଚଳକୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଛନ୍ତି। ଗତ ସାତଦିନ ତଳେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କୁ ୩ ରାଉଣ୍ଡ ଗୁଳି କରି ଫେରାର ହୋଇଯାଇଥିଲେ। ଏହାର ତଦନ୍ତ ଚାଲିଥିବାବେଳେ ପୁଣି ଗୁରୁବାର ମଧ୍ୟ ରାତ୍ରିରେ ଜଣେ ଚାଳକଙ୍କୁ ମାଉଜର ଦେଖାଇ ଦୁର୍ବୃତ୍ତମାନେ କାର ଛଡାଇ ନେଇଛନ୍ତି। ପ୍ରକାଶ ଯେ,କାରଟି ପାରାଦୀପରୁ କଟକ ଅଭିମୁଖେ ଯାଉଥିଲା। ଡ୍ରାଇଭର ଦୀପଙ୍କର ମଣ୍ଡଳ ଜଇପୁରଠାରେ ଗାଡି ରଖି ଚା' ପିଉଥିଲେ। ସେଠାରୁ ବାଇକରେ ତାଙ୍କୁ ପିଛା କରିଆସୁଥିବା ୭ରୁ ୮ ଜଣ ଦୁର୍ବୃତ୍ତ ତାରପୁର ବାଇପାସ ନିକଟସ୍ଥ ପେଟ୍ରୋଲପମ୍ପ ନିକଟରେ ଦୁଇଟି ଚାରିଚକିଆ ଗାଡ଼ିରେ ଉକ୍ତ କାର ସମ୍ମୁଖକୁ ଚାଲି ଆସିଥିଲେ। ଏହାପରେ ସେମାନେ ଦୀପଙ୍କରଙ୍କ ମୁଣ୍ଡରେ ମାଉଜର ଲଗାଇ କାରରୁ ଓହ୍ଲାଇ ଆସିବାକୁ କହିଥିଲେ। ଦୀପଙ୍କର ଭୟଭୀତ ହୋଇ କାରରୁ ଓହ୍ଲାଇବା ମାତ୍ରେ ଦୁର୍ବୃତ୍ତମାନେ କାରଟିକୁ ବାଇପାସ ରାସ୍ତାରେ ନେଇ ଫେରାର ହୋଇଯାଇଥିଲେ। ଦୀପଙ୍କର ଏନେଇ ମାଲିକଙ୍କୁ ଜଣାଇବା ପରେ ଥାନାରେ ମାମଲା (ନଂ.୧୬୩/୨୨) ରୁଜୁ ହୋଇଛି। ଦୁର୍ବୃତ୍ତମାନେ କାର୍‌କୁ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ ନେବାପରେ ସେଥିରେ ଲାଗିଥିବା ଜିପିଏସ୍ ବ୍ୟବସ୍ଥାକୁ ଅଚଳ କରିଦେଇଥିବା ପୋଲିସ କହିଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରାଜକିଶୋର ବେହେରା ପ୍ରକାଶ କରିଛନ୍ତି।

## ଦଶାହ କର୍ମ ସମୟରେ ପୋଖରୀରେ ବୁଡି ଯୁବକର ମୃତ

ତିର୍ତ୍ତୋଲ, ୩୧୯ (ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର ପଞ୍ଚାୟତ କୁଟିଲୋଗ୍ରାମ ଦୟାଲପୁର ଗ୍ରାମର ଦର୍ଶାହ କର୍ମରେ ଯୋଗଦେବାକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଯୁବକ ହେଲେ ଶାରଦା ପ୍ରସାଦ ସାହୁ। ସେ ପଡୋଶୀ ସରୋଜ ରାଉଳଙ୍କ ଦଶାହ କର୍ମରେ ଯୋଗ ଦେବାକୁ ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ପଟ୍ଟନାଇକିଆ ପୋଖରୀକୁ ଯାଇଥିଲେ। ଏହସମୟରେ ଗାଧୋଇବାକୁ ଯାଇଥିବା ବେଳେ ଶାରଦାଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ପୋଖରୀରୁ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲ।

## ନିଖୋଜ ନାବାଳିକା ଖୁଣ୍ଟୁଣିରୁ ଉଦ୍ଧାର

ରଘୁନାଥପୁର,୩୧୯(ଡି.ଏନ୍.ଏ.):ଗତ ଦୁଇମାସ ତଳେ ରଘୁନାଥପୁର ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ସମ୍ପୃକ୍ତା ନାବାଳିକାଙ୍କୁ ଶନିବାରୁ ପୋଲିସ ଖୁଣ୍ଟୁଣି ଥାନା ଅନ୍ତର୍ଗତ ଝାଟିଆସାହିର ଜଣଙ୍କ ଘରୁ ଉଦ୍ଧାର କରିଛି। ଏନେଇ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଥାନାରେ ମାମଲା (ନଂ. ୧୧୭/୨୨) ରୁଜୁ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଛି। ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ଘରେ ମାଡ଼ ମାରିବା ଯୋଗୁ ନାବାଳିକା ନିଜ ଇଚ୍ଛାରେ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ରହିଥିବା ପ୍ରକାଶ କରିଛନ୍ତି।

## ଦୁର୍ନୀତିମୁକ୍ତ ତହସିଲ ଉପରେ ଗୁରୁତ୍ୱ



ରାଜନଗର,୩୧୯(ଡି.ଏନ.ଏ.):କେନ୍ଦ୍ରପଡ଼ା ଜିଲା ରାଜନଗରର ନୂତନ ତହସିଲଦାର ଭାବେ ଅଶ୍ୱିନୀ କୁମାର ଭୂୟାଁ ଶନିବାର ଯୋଗ ଦେଇଛନ୍ତି। ଦୁର୍ନୀତିମୁକ୍ତ ତହସିଲ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭୂୟାଁ ମାଲକାନାଗିରିର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ରାଜନଗର ତହସିଲଦାର ଭୋଲାନାଥ ସେଠୀଙ୍କ କେନ୍ଦ୍ରାପଡ଼ାକୁ ଡେପୁଟୀ କଲେକ୍ଟର ଭାବେ ବଦଳି ହୋଇଛି। ନୂତନ ତହସିଲଦାର ଯୋଗ ଦେବା ପରେ ତାଙ୍କୁ ତହସିଲ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ ରାଜନଗର ତହସିଲରେ କିଛିଦିନ ହେବ ଦୁର୍ନୀତି ଚରମ ସୀମାରେ ପହଞ୍ଚି ଥିଲା। ଚିଙ୍ଗୁଡିଘେରୀ ଭଙ୍ଗା ଆଳରେ ବହୁ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାବାଦ୍ ଜଳଜମିକୁ ପ୍ଲଟିଂ କରି ବିକ୍ରି କରାଯିବା ଭଳି ଦୁର୍ନୀତି ସହିତ ବିଭିନ୍ନ ଦୁର୍ନୀତି ସୀମା ଟପିଥିଲା।

# ଦଶହରା ପାଇଁ ମାଟି ଅନୁକୂଳ



ଜଗତ୍‌ସିଂହପୁର ଅଫିସ, ୩୧୯

ଦଶହରା ପାଖେଇ ଆସୁଛି। ଏନେଇ ଜିଲାର ବିଭିନ୍ନ ପୂଜା କମିଟି ଓ କ୍ଲବ ଆଦି ପକ୍ଷରୁ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ପବିତ୍ର ରାଧାଷ୍ଟମୀ ତିଥିରେ ସ୍ଥାନୀୟ ମା'ପୂର୍ଣ୍ଣମାସୀ ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ପର୍ବ ସମ୍ପାଦିତ ହୋଇଛି। ଏହା ପୂର୍ବରୁ ଘଣ୍ଟ, ଘଣ୍ଟା, ଢ଼ୋଲ ଆଦି ବାଦ୍ୟରୋଳ ମଧ୍ୟରେ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ରାଜକିଶୋର ଖଟୁଆ, ପ୍ରଫୁଲ୍ଲ ଦୁବେ, ମନୋଜ ମହାନ୍ତି, ରାକେଶ ଦାସ, ଶତ୍ରୁଘ୍ନ ଦାସ, ସୁଲୋକ ସୁନ୍ଦର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇରେ ନକଲି ଔଷଧ ବ୍ୟବସାୟ

## ବିଭିନ୍ନ କମ୍ପାନୀ ନାମରେ ନିମ୍ନମାନର ଔଷଧ କାରବାର



ପଟ୍ଟାମୁଣ୍ଡାଇ,୩୧୯(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିମ୍ନମାନର ଔଷଧ ସାଙ୍ଗକୁ ମିସ୍‌ବ୍ରାଣ୍ଡେଡ୍ ଔଷଧ କାରବାର ବଢି ଚାଲିଛି । ଏନେଇ ଜିଲା ଭେଷଜ ବିଭାଗ ଚୁପ୍ ବସିଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଭାଗୀୟ ଅଧିକାରୀ ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି । ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ସମେତ ରାଜନଗର, ଆଳି , ମହାକାଳପଡ଼ାର ଗ୍ରାମଞ୍ଚଳରେ ଏହି କାରବାର ଚାଲିଛି । କୋଲକତାରୁ କେତେଜଣ ଅସାଧୁ ବ୍ୟବସାୟୀ ବିଭିନ୍ନ ନାମୀଦାମୀ କମ୍ପାନୀର ଆଣ୍ଟିଓବାୟୋଟିକ, ଜ୍ୱର, ଥଣ୍ଡା ଔଷଧ ସାଙ୍ଗକୁ କଫସିରଫ ପ୍ରଭୃତି ବେନାମୀ ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି। ଏହି ଔଷଧ ଗୁଡିକର ମୂଲ୍ୟ ନାମୀ ଦାମୀ କମ୍ପାନୀ ଔଷଧ ମୂଲ୍ୟ ସହିତ ସମାନ ରହିଛି । କିନ୍ତୁ ବନାମୀ ଔଷଧ କମ୍ପାନୀଗୁଡିକ ବ୍ୟବସାୟୀମାନଙ୍କୁ ଅଧିକ ଲାଭ ଦେଉ ଥିବାରୁ ଅଧିକ ଫାଇଦା ପାଇବା ଆଶାରେ ଔଷଧ ବ୍ୟବସାୟୀ ହୋଲ୍‌ସେଲ ନାମରେ ଏହିସବୁ କମ୍ପାନୀର ଔଷଧ କିଣି ଗ୍ରାମାଞ୍ଚଳରେ ଥିବା ବେଆଇନ ଔଷଧ ଦୋକାନୀଙ୍କୁ ଦେଉଛନ୍ତି । ଗାଁ ଗହଳିରେ ଥିବା ବେନାମୀ ଦୋକାନୀ ଲୋକଙ୍କୁ ଏହି ଔଷଧ ବିକ୍ରି କରୁଥିବାର ଖବର ମିଳିଛି । ଖାଲି ସେତିକି ନୁହେଁ ଏଭଳି ଔଷଧ କାରବାର ବେଶ ସୁରୁଖୁରୁରେ ଚାଲିଥିବାରୁ ପଟ୍ଟାମୁଣ୍ଡାଇ ସହରରେ ମଧ୍ୟ ବିକ୍ରି ଆରମ୍ଭ ହେଲାଣି ବୋଲି କେତେଜଣ ଔଷଧ ବ୍ୟବସାୟୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଜିଲାରେ ଥିବା ଭେଷଜ ନୀରିକ୍ଷକମାନେ ନିୟମିତ ଦୋକାନ ଯାଞ୍ଚ ନ କରିବା, ପାଇକରୀ ବିକ୍ରେତାଙ୍କ ଉପରେ ନଜର ନ ରଖିବା ଏହି କାରବାରକୁ ବେଶ୍ ସୁହାଇଛି ବୋଲି ଅଭିଯୋଗ ହୋଇଛି । ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୪୦୦ରୁ ଅଧିକ ଔଷଧ ଦୋକାନ ସାଙ୍ଗକୁ ହୋଲସେଲର ମଧ୍ୟ ରହିଛି। ଏନେଇ କେତେକ ଦୋକାନକୁ ଛାଡିଦେଲେ ଅନ୍ୟ ମାନେ ଲାଇସେନ୍ସ ମଧ୍ୟ ନେଇ ନ ଥିବା ଖବର ମିଳିଛି । ଏ ବାବଦରେ ଡ୍ରଗ ଇନ୍ସପେକ୍ଟର ପ୍ରଦୀପ ସାହୁଙ୍କୁ ଯୋଗାଯୋଗ କରିବାରେ କଟକ ଓ କେନ୍ଦ୍ରାପଡ଼ା ଜିଲା ଚାର୍ଜରେ ଅଛି। ସବୁ ସମୟରେ ସବୁ ସ୍ଥାନରେ ଠିକ୍ ସମୟରେ ପହଞ୍ଚି ହେଉନାହିଁ ବୋଲି ସେ କହିଛନ୍ତି।

# ଶ୍ୱଶୁରଘର ଲୋକଙ୍କୁ ପୋଡ଼ି ମାରିବା ଉଦ୍ୟମ, ଜ୍ୱାଇଁ ଗିରଫ

ଭୁବନେଶ୍ୱର,୩୧୯ (ବ୍ୟୁରୋ):

ଶ୍ୱଶୁର ଘର ଲୋକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସଂପୃକ୍ତ ଜ୍ୱାଇଁଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡାର ସୌମ୍ୟ ରଞ୍ଜନ ନାୟକ (୩୪)। ତାଙ୍କଠାରୁ ଏକ ପେଟ୍ରୋଲ ବୋତଲ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୪୩୭/୨୨) ରୁଜୁ କରି ଅଭିଯୁକ୍ତ ସୌମ୍ୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଢୁମୁଢୁମା ଅଞ୍ଚଳର ମହେଶ୍ୱର ନାୟକଙ୍କ ଝିଅଙ୍କୁ ସୌମ୍ୟ ୫ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଅଛି। ତେବେ ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିବାରୁ ସ୍ତ୍ରୀ ପୁଅକୁ ଧରି ବାପଘର ଢୁମୁଢୁମାକୁ ପଳାଇଆସିଥିଲେ। ସ୍ତ୍ରୀଙ୍କୁ ନେବା ପାଇଁ ସୌମ୍ୟ ଶ୍ୱଶୁର ଘରକୁ ଆସି ନିରାଶରେ ଫେରିଥିଲେ। ଏପରିକି ସେ ସ୍ତ୍ରୀ ଓ ପୁଅକୁ ନେବାକୁ ଆସି ବହୁବାର ଫେରିଥିଲେ। ଏହାକୁ ନେଇ ସୌମ୍ୟ ଶ୍ୱଶୁରଙ୍କ ଘର ଲୋକଙ୍କ ସହ ପ୍ରାୟ ସମୟରେ ଝଗଡା କରୁଥିଲେ। ଗତ ୨୪ ଅଗଷ୍ଟ ରାତି ୨ଟା ୩୦ରେ ହଠାତ୍ ସୌମ୍ୟ କେତେଜଣ ବନ୍ଧୁଙ୍କ ସହ ଶ୍ୱଶୁର ଘରକୁ ଆସି ସମସ୍ତଙ୍କୁ ପୋଡ଼ି ମାରିଦେବା ଉଦ୍ଦେଶ୍ୟରେ ଘର ସାରା ପେଟ୍ରୋଲ ଛିଞ୍ଚି ଥିଲେ। ଏପରିକି କେତେଜଣଙ୍କ ଉପରେ ମଧ୍ୟ ପେଟ୍ରୋଲ ପକାଇଥିଲେ। ଗନ୍ଧ ହେବାରୁ ମହେଶ୍ୱରଙ୍କ ପୁଅ ଉଠିପଡ଼ିଥିଲେ। ଏହି ସମୟରେ ସୌମ୍ୟ ଦିଆସିଲ ଲଗାଇ ତାଙ୍କ ଉପରକୁ ଫିଙ୍ଗି ଫେରାର ହୋଇଯାଇଥିଲେ। ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡିଯାଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରିଥିଲେ। ଏନେଇ ମହେଶ୍ୱର ଘଟଣା ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ଅଭିଯୁକ୍ତ ସୌମ୍ୟଙ୍କୁ କାବୁ କରିଥିଲା।


ଇଣ୍ଡିଆନ ବ୍ୟାଙ୍କ Indian Bank ALLAHABAD

## ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା
ପ୍ଲଟ ନଂ. ୫୧୬, ମାଗ୍ନେଟିକ୍ ସ୍କୋୟାର, ପୋ.:କିଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪

## ଡ଼ିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍,** ପିତା: ରାମଚନ୍ଦ୍ର ସେନ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଲିପିକା ଦାସ,** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, **ଉଭୟଙ୍କ ଠିକଣା:** ସା-କାଞ୍ଚିଲୋ, ଥାନା/ ତହସିଲି: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୧୦୧ । | ଟ.୩୧,୫୨,୯୦୫/- | ତା.୦୫.୦୮.୨୦୨୨ ସୁଦ୍ଧା ଟ.୩୫,୮୯,୩୪୧.୭୭ | ୦୬.୦୮.୨୦୨୨ / ୨୩.୧୨.୨୦୨୦ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଚିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫ । |
| **ଋଣଗ୍ରହୀତା: ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି,** ପିତା: ଶ୍ରୀ ରବିନ୍ଦ୍ର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ନିଶାମଣୀ ମହାନ୍ତି,** ସ୍ୱା: ଶ୍ରୀ ରବିନ୍ଦ୍ର ମହାନ୍ତି, **ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ରବିନ୍ଦ୍ର ମହାନ୍ତି, ପିତା: ୰ଗନ୍ଧର୍ବ ମହାନ୍ତି,** ସମସ୍ତଙ୍କ ଠିକଣା: ପ୍ଲଟନଂ.୩୫୭, ସମେଇଗାଡିଆ, ପୋ.: ରସୁଲଗଡ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୧୦୧୦। | ଟ.୧୭,୦୦,୦୦୦/- | ତା.୩୧.୦୭.୨୦୨୨ ସୁଦ୍ଧା ଟ.୭,୯୬,୯୪୮.୦୧ | ୦୮.୦୮.୨୦୨୨ / ୦୯.୦୭.୨୦୨୨ | **ଶ୍ରୀ ରବିନ୍ଦ୍ର ମହାନ୍ତି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୮୮/୫୪୭୧/୮୬୦୫, ଖାତା ନଂ.୧୩୩୦/୩୦୨୨, ସବ୍ ପ୍ଲଟ ନଂ.୧୨, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.୩୮, ପାଣ୍ଡରା, ଥାନା: ମଞ୍ଚେଶ୍ୱର ନଂ.୨୮, ତହସିଲି/ ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୪୬ ଡିସିମିଲି (୪୩୫୬୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୨୪୦୪, ଏହାର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ନଂ.୧୧, ଦକ୍ଷିଣ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା, ପୂର୍ବ- ସବ୍ ପ୍ଲଟ ନଂ.୧୫, ପଶ୍ଚିମ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା। |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣମାନଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୩.୦୯.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ,ଇଣ୍ଡିଆନ ବ୍ୟାଙ୍କ

**ନାବାଳିକା ଅପହରଣ ଅଭିଯୋଗ: ଜଣେ ଗିରଫ**

ଚଣ୍ଡିଖୋଲ,(ଡି.ଏନ.ଏ.): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁରଠାରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଏଥିସହିତ ଅପହରଣକାରୀ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ମୁସ୍ତାଫାପୁର ଗ୍ରାମର କରଣ ଦାସ(୨୦)। ସେ ଅଗଷ୍ଟ ୨୨ରେ ନାବାଳିକାଙ୍କୁ ଅପହରଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୨୯୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ଡାକ୍ତରୀ ମାଇନା ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଯାଜପୁର ପକ୍ଷରୁ ଅତବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ-ଜାରକାସ୍ଥିତ ସମ୍ରାଟ ମଣ୍ଡପ, ସମୟ-ପୂର୍ବାହ୍ନ ୧୦ଟା୩୦।

## ସାଉଦି ଆରବରୁ ଆସିଲା ମୃତଦେହ

ବରୀ,୩।୯(ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ବାଲିଆ ପଞ୍ଚାୟତର ୱାର୍ଡ ସଭ୍ୟା ସୁମିତ୍ରା ଜେନାଙ୍କ ସ୍ୱାମୀ କବି ଜେନା(୪୨)ଙ୍କ ମୃତଦେହ ସାଉଦି ଆରବରୁ ଆସି ଶନିବାର ଗାଁରେ ପହଞ୍ଚିଛି। ଏହାପରେ ମୃତଦେହ ସତ୍କାର କରାଯାଇଛି। ସେ ସେଠାରେ କାର୍ଯ୍ୟ କରୁଥିଲାବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ଗାଁକୁ ଆଣିବାକୁ ପରିବାର ପକ୍ଷରୁ ବିଧାୟିକା ସୁନନ୍ଦା ଦାସଙ୍କ ସହଯୋଗ ଲୋଡ଼ାଯାଇଥିଲା। ବିଧାୟିକା ଦାସ ଓଡ଼ିଶା ମୋ ପରିବାରର ସହଯୋଗ ଲୋଡ଼ିଥିଲେ। ପରେ ଓଡ଼ିଶା ମୋ ପରିବାରର ସହଯୋଗରେ ମୃତଦେହ ଆସିଥିଲା। ବିଧାୟିକା ଦାସ ଉପସ୍ଥିତ ରହି ମରଶରୀର ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ପରିଷଦ ସଭ୍ୟ ଅଶୋକ ସାମଲ ଓ ଅନ୍ୟ ଲୋକପ୍ରତିନିଧି ମଧ ଉପସ୍ଥିତ ଥିଲେ।

## ଖରସ୍ରୋତା ନଦୀରୁ ମିଳିଲା ବୃଦ୍ଧାଙ୍କ ଗଳିତ ମୃତଦେହ

କଳିଙ୍ଗନଗର,୩।୯(ଡି.ଏନ.ଏ.): ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଜୋକଡ଼ିଆ ବ୍ରିଜ ନିକଟ ଖରସ୍ରୋତା ନଦୀରୁ ଶନିବାର ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ବୃଦ୍ଧାଙ୍କ ପରିବାର ଲୋକେ ଥାନାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବୃଦ୍ଧା ଜଣକ ଢେଙ୍କାନାଳ ଜିଲା ଭୁବନ ଥାନା ଜୟପୁର ଗ୍ରାମର ମାଙ୍ଗୀ ମଲ୍ଲିକଙ୍କ ସ୍ତ୍ରୀ ବଲ୍ଲୀ ମଲ୍ଲିକ(୯୦) ବୋଲି ଜଣାପଡ଼ିଛି। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବଲ୍ଲୀ ଗତ ୩୧ ତାରିଖରେ ଘର ପାଖ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ସମୟରେ ଭାସି ଯାଇଥିଲେ। ସେମାନେ ବହୁ ଖୋଜା ଖୋଜି କରିଥିଲେ ମଧ କୌଣସି ସୂଚନା ପାଇପାରି ନ ଥିଲେ। ଏ ନେଇ ଯାଜପୁର ରୋଡ୍ ପୋଲିସ ନଂ.୩୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଯାଜପୁର ଜିଲା ଜଜ୍‌କୋର୍ଟରେ ଶୋକସଭା

ଯାଜପୁର ଟାଉନ,୩।୯(ଡି.ଏନ.ଏ.): କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ସୁବାସ କୁମାର ବିହାରୀ ଯାଜପୁର ବାର ଆସୋସିଏଶନର ସଭ୍ୟ ଥିଲେ। ପରେ ଓଜେଏସ୍ ପାଇ ବିଚାରପତି ହୋଇଥିଲେ। ତାଙ୍କ ବିୟୋଗରେ ଶନିବାର ଯାଜପୁର ଜିଲାଜଜ୍ ଦାମୋଦର ରଥଙ୍କ ଅଧକ୍ଷତାରେ ଜିଲା ଜଜ୍‌କୋର୍ଟଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିହାରୀଙ୍କ ସ୍ମୃତିଚାରଣ କରାଯାଇଥିବାବେଳେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଚାରପତି ଜ୍ଞାନରଞ୍ଜନ ବାରିକ, ନମିତା ଦାସ, ଜାନକୀ ବିଶ୍ୱାଳ, ହୃଷୀକେଶ ସାହୁ, ନରୋତ୍ତମ ସେଠୀଙ୍କ ସମେତ ସମସ୍ତ ବିଚାରପତି ଉପସ୍ଥିତ ଥିଲେ। ଯାଜପୁର ବାର ଆସୋସିଏଶନ୍, ଲୟର୍ସ ଆସୋସିଏଶନ୍ ଓ କ୍ରିମିନାଲ ବାର ଆସୋସିଏଶନର ସଭ୍ୟ ଉପସ୍ଥିତ ରହି ବିହାରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ନୂଆଁଖାଇ ସାରା ରାଜ୍ୟରେ ପରିବ୍ୟାପ୍ତ

ଯାଜପୁର ଅଫିସ,୩।୯



ନୂଆଁଖାଇ ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାର ପର୍ବ ହୋଇ ରହିନାହିଁ, ବରଂ ଏହା ସାରା ରାଜ୍ୟରେ ପରିବ୍ୟାପ୍ତ। ଯାଜପୁର ଜିଲା ଭାଷା, ସାହିତ୍ୟ, ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଶନିବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ନୂଆଁଖାଇ ଭେଟଘାଟ୍ ଉତ୍ସବରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି। ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଏଥିରେ ସଭାପତିତ୍ୱ କରି କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ପରମ୍ପରା ଓ ଐତିହ୍ୟର ଧାରା ବିଶେଷତଃ କୃଷି ଓ ଲୋକ ସଂସ୍କୃତିରେ ଅତ୍ୟନ୍ତ ବଳିଷ୍ଠ ଏହାର ଜୀବନଧାରା । ସାର୍ବଜନୀନ ସଂସ୍କୃତିର ପ୍ରତୀକ ହେଉଛି ନୂଆଁଖାଇ। ନବ ଉତ୍ପାଦିତ ଅନ୍ନକୁ ସୃଷ୍ଟିକର୍ତ୍ତାଙ୍କୁ ଅର୍ପଣ କରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ଏହି ପର୍ବର ମୂଳଲକ୍ଷ୍ୟ। ଏକତା, ସଂସ୍କୃତି, ଭାଇଚାରା ଓ ସାମ୍ୟବାଦକୁ ଏହି ପର୍ବ ପ୍ରୋତ୍ସାହିତ କରିଥାଏ । ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ମୁଖ୍ୟ ଅତିଥି, ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ବିଭିନ୍ନ ଧର୍ମରେ ଶସ୍ୟପୂଜାର ପରମ୍ପରା

### ଯାଜପୁରରେ ଜିଲାସ୍ତରୀୟ ନୂଆଖାଇ ଉତ୍ସବ

ଉପରେ ଆଲୋକପାତ କରିଥିଲେ। ନୂତନ ଅନ୍ନକୁ ସୃଷ୍ଟିକର୍ତ୍ତାଙ୍କୁ ଅର୍ପଣ କରି ନିଜେ ଗ୍ରହଣ କରିବା ବିଧି ଥିଲେ ହେଁ ନୂଆଁଖାଇ ତାହାଠାରୁ ଅନେକାଂଶରେ ପୃଥକ୍। ଏହା କେବଳ ଏକ କୃଷି ଭିତ୍ତିକ ପର୍ବ ନୁହେଁ ବରଂ ଏକ ଅଦ୍ଭୁତ ସାଂସ୍କୃତିକ ସଂହତି ଓ ସମନ୍ୱୟର ସମାହାର ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଗଣେଶ୍ୱର ବରାଳ ପ୍ରମୁଖ ଯୋଗଦେଇ ବ୍ୟକ୍ତିଗତ ରାଗରୋଷକୁ ଭୁଲି ସମସ୍ତଙ୍କ ମଧରେ ଆନ୍ତରିକତା ଓ ସହୃଦୟତା ସ୍ଥାପନରେ ନୂଆଁଖାଇର ମହନୀୟତା ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସୁନାଦୋକାନୀଙ୍କୁ ଉଠାଇନେଲା ରାଜକନିକା ପୋଲିସ

ଦଶରଥପୁର,୩।୯(ଡି.ଏନ୍.ଏ.)

### ଚୋରି ସୁନା କିଣିବା ମହଙ୍ଗା ପଡ଼ିଲା

ଦଶରଥପୁର ବ୍ଲକ୍ ତଥା ମଙ୍ଗଳପୁର ଥାନା ଅଧୀନ ମଙ୍ଗଳପୁର ବିଜୁ ଗ୍ରାମୀଣ ବଜାର ସମ୍ମୁଖରେ ଥିବା ଏକ ଜୁଏଲେରି ଦୋକାନର ମାଲିକ ରବୀନ୍ଦ୍ର କୁମାର ସେନାପତିଙ୍କୁ ଚୋରି ସୁନା କିଣିବା ମହଙ୍ଗା ପଡ଼ିଛି। ରବୀନ୍ଦ୍ର ଚୋରି ସୁନା କିଣୁଥିବା ଅଭିଯୋଗ ହେବାପରେ କେନ୍ଦ୍ରାପଡ଼ା ଜିଲାର ରାଜକନିକା ପୋଲିସ ତାଙ୍କୁ ଉଠାଇ ନେଇଛି। ଶନିବାର ସନ୍ଧ୍ୟା ୭ଟାରେ ରାଜକନିକା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଧରିଆସି ମଙ୍ଗଳପୁର ପୋଲିସ ସହାୟତାରେ ଜୁଏଲର୍ସ ଦୋକାନ ଉପରେ ଚଢ଼ାଉ କରିଥିଲା। ସାଙ୍ଗରେ ଆସିଥିବା ଅଭିଯୁକ୍ତଙ୍କ ତଥ୍ୟକୁ ଆଧାର କରି ପୋଲିସ ସମ୍ପୃକ୍ତ ଦୋକାନ ମାଲିକଙ୍କୁ ଅଧଘଣ୍ଟା ଜେରା କରିଥିଲା। ପରେ ପୋଲିସ ତାଙ୍କୁ ନେଇ ଯାଇଥିଲା।

ରାଜକନିକା ପୋଲିସ ଦେଇଥିବା ସୂଚନା ଅନୁଯାୟୀ, ଚୋରି ଗ୍ୟାଙ୍ଗର ଏକ ବଡ଼ ର୍‍ୟାକେଟ ରହିଛି। ସେମାନଙ୍କ ଗ୍ୟାଙ୍ଗ ସଦସ୍ୟ ଏହି ଦୋକାନରେ ରେଗୁଲାର ଚୋରି ସୁନା ବିକିଥାନ୍ତି। ଅନ୍ୟପକ୍ଷରେ ୩ ଦିନ ତଳୁ ଯାଜପୁର ଜିଲା ବିଞ୍ଝାରପୁର ଥାନା ବିଞ୍ଝାରପୁର ବଜାରର ଏକ ସୁନା ଦୋକାନରୁ ଚୋରିହୋଇଥିଲା। ସେହିପରି କିଛି ଦିନତଳେ ସେହି ଅଞ୍ଚଳର ଜଣେ ସୁନା ଦୋକାନୀଙ୍କୁ ଦୁର୍ବୃତ୍ତ ହତ୍ୟାକରି ସୁନା ବ୍ୟାଗ୍ ଲୁଟି ନେଇଥିଲେ। ଦୁର୍ବୃତ୍ତ ଚୋରିକରି ଅର୍ଥଲୋଭି ଅସାଧୁ ବ୍ୟବସାୟୀଙ୍କୁ ବିକିବାକୁ ସୁବିଧା ପାଉଥିବାରୁ ଚୋରି ବଢୁଛି ବୋଲି ପୋଲିସ ଚଢ଼ାଉ ସମୟରେ ସ୍ଥାନୀୟ ବ୍ୟବସାୟୀମାନେ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ମଙ୍ଗଳପୁର ଆଇଆଇସି ରୀନାରାଣୀ ସାହୁ ଏହି ଥାନା ଇଚ୍ଛାପୁର ଅଞ୍ଚଳର ଜଣେ ଯୁବକ ଚୋରି ଗ୍ୟାଙ୍ଗରେ ରହିଥିବା ସୂଚନା ଦେଇଛନ୍ତି।

# ନାବାଳିକା ଅପହରଣ ଅଭିଯୋଗରେ ୨ କୋର୍ଟ ଚାଲାଣ

କଳିଙ୍ଗନଗର,୩।୯(ଡି.ଏନ.ଏ.)

ଟମକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦାନଗଦୀ ବ୍ଲକ୍ ତ୍ରିଜଙ୍ଗା ନଡ଼ିଆଭଙ୍ଗା ବନ୍ଧସାହିର ମଧୁ ଦେହୁରି ଓ ଦାନଗଦି ଫାଣ୍ଡି ଅଞ୍ଚଳର ଇନ୍ଦ୍ରମଣି ମହାନ୍ତ(୨୬)। ନାବାଳିକା ଗତ ଜୁଲାଇ ୨୭ରେ ବିଦ୍ୟାଳୟକୁ ଯାଇ ନିଖୋଜ ହୋଇ ଯାଇଥିଲେ। ଏନେଇ ତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଝିଅକୁ ଅପହରଣ କରାଯାଇଥିବା ଜାଣିବା ପରେ ପୋଲିସକୁ ଏ ବାବଦରେ ଜଣାଇଥିଲେ। ପୋଲିସ ନଂ.୯୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ନାବାଳିକାଙ୍କୁ ମଧୁଙ୍କ ସହଯୋଗରେ ଉଠାଇ ନିଆଯାଇଥିବା ଜଣାପଡ଼ିଥିଲା। ଇନ୍ଦ୍ରମଣି ନାବାଳିକାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଅପହରଣ କରି ମୟୂରଭଞ୍ଜ ଜିଲାର କରଞ୍ଜିଆ ଅଞ୍ଚଳରେ ରଖିଥିଲେ। ନାବାଳିକାଙ୍କୁ ଉଦ୍ଧାର କରାଯାଇ ଡାକ୍ତରୀ ମାଇନା କରାଯିବା ପରେ ସ୍ୱାଧାର ଗୃହରେ ରଖାଯାଇଛି। ଇନ୍ଦ୍ରମଣିଙ୍କ ନାଁରେ ବିଭିନ୍ନ ଥାନାରେ ୨୫ରୁ ଊର୍ଦ୍ଧ୍ୱ ମାମଲା ଥିବା ଜଣାପଡ଼ିଛି।

# ବିଦ୍ୟାଳୟକୁ ଶିକ୍ଷା ଷ୍ଟାଣ୍ଡିଂ କମିଟି ପରିଦର୍ଶନକୁ ବିରୋଧ



ପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ବିଦ୍ୟାଳୟରେ ତଦନ୍ତ କରୁଛନ୍ତି।

ରସୁଲପୁର,୩।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟକୁ ପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଯାଇଥିବାବେଳେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଏହି ବିଦ୍ୟାଳୟକୁ ୫-ଟି ଯୋଜନାରେ ରୂପାନ୍ତରିକରଣ କରାଯାଇଛି। ମାତ୍ର ଉକ୍ତ ବିଦ୍ୟାଳୟରେ ନାନା ଅନିୟମିତତା ହେଉଥିବା ପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଂ କମିଟି ନିକଟରେ ଅଭିଯୋଗ ହେବାପରେ କମିଟି ସଭାପତି ତଥା ସରପଞ୍ଚ ସ୍ମୃତିରେଖା ରାଉତଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ବିଦ୍ୟାଳୟକୁ ଆସିଥିଲେ। ପରିଦର୍ଶନକାରୀ ବିଦ୍ୟାଳୟରେ ଘଟୁଥିବା ନାନା ଅନିୟମିତତା ସମ୍ପର୍କରେ ତଦାରଖ କରୁଥିବାବେଳେ ଜଣେ ସହକାରୀ ଶିକ୍ଷକ ଆସି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଫଳରେ କମିଟି ସଦସ୍ୟଙ୍କ ସମ୍ପୃକ୍ତ ଶିକ୍ଷକଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ତେଣୁ କମିଟି ସଦସ୍ୟମାନେ ତଦାରଖ କାର୍ଯ୍ୟ ଅଧାରୁ ଛାଡ଼ି ପଳାଇଥିଲେ। ଏ ସମ୍ପର୍କରେ ସରପଞ୍ଚ ରାଉତ ଯାଜପୁର ଜିଲା ଶିକ୍ଷା ଅଧିକାରୀ, ରସୁଲପୁର ବ୍ଲକ ଶିକ୍ଷା ଅଧିକାରୀ ଓ ରସୁଲପୁର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଚିଠି ଜରିଆରେ ଅବଗତ କରାଇଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ବିଦ୍ୟାଳୟର ଅନିୟମିତତା ଦୂର କରିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ସରପଞ୍ଚ ଦାବି କରିଛନ୍ତି।

### ଜିଲା ଶିକ୍ଷା ଅଧିକାରୀଙ୍କୁ ସରପଞ୍ଚଙ୍କ ଅଭିଯୋଗ

ସୂଚନା ମୁତାବକ, ଗତ ମାସ ୨୯ ତାରିଖ ପୂର୍ବାହ୍ନ ୯ଟା୪୫ରେ କମିଟି ସଦସ୍ୟ ବିଦ୍ୟାଳୟକୁ ଆସିଥିଲେ। ସେତେବେଳକୁ ଜଣେ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଧାନଶିକ୍ଷକ ଓ ଅନ୍ୟ ସହକାରୀ ଶିକ୍ଷକ ୧୦ଟା୨୫ରେ ପହଞ୍ଚିଥିଲେ। କମିଟି ସଦସ୍ୟମାନେ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠରେ ଶିକ୍ଷକଙ୍କ ରୁଟିନ୍, ଶ୍ରେଣୀ ରୁଟିନ୍ ସହ ଅନ୍ୟ ଅଭିଯୋଗ ଗୁଡ଼ିକର ତଦନ୍ତ କରିଥିଲେ। ପରେ କମିଟି ସଦସ୍ୟମାନେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆଙ୍କ ସହ ଆଲୋଚନାକରି ନାନା ଅନିୟମିତତା ସମ୍ପର୍କରେ ଅବଗତ ହୋଇଥିଲେ। ତେବେ ଆଲୋଚନା ଚାଲୁଥିବା ବେଳେ ସେହିଦିନ ବିଦ୍ୟାଳୟକୁ ବିଳମ୍ବରେ ଆସିଥିବା, ବିଦ୍ୟାଳୟର ଶିକ୍ଷଣୀୟ କାର୍ଯ୍ୟରେ ଅବହେଳା କରି ପ୍ରକୋଷ୍ଠରେ ଟିଉସନ୍ କରୁଥିବା ଓ ପିଲାଙ୍କ ଖାତା ଖାମଖିଆଲି ଭାବେ ସଂଶୋଧନ କରୁଥିବା ସହକାରୀ ଶିକ୍ଷକ ବିରକ୍ତି ପ୍ରକାଶ କରିଥିଲେ। ସେ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠକୁ ପ୍ରବେଶ କରି ସରପଞ୍ଚଙ୍କ ସମେତ କମିଟିର ସଦସ୍ୟ ଓ ସେମାନଙ୍କ ସହିତ ଆସିଥିବା ଜଣେ ଖବରଦାତାଙ୍କ ସହ ଯୁକ୍ତିତର୍କ କରିଥିଲେ। ସେମାନଙ୍କୁ ଅସମ୍ମାନିତ କରିବା ସହ ନାନା ଧମକ ଚମକ ଦେଇଥିଲେ ବୋଲି ସରପଞ୍ଚ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ସମ୍ପୃକ୍ତ ସହକାରୀ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ମହିଳାଙ୍କୁ ଆକ୍ରମଣ ମାମଲା: ଫେରାର ଯୁବକ ଗିରଫ

ଧର୍ମଶାଳା, ୩।୯(ଡି.ଏନ.ଏ.)

ଜେନାପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଓ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କଣ୍ଟାପାଟଣା ଗ୍ରାମର କାହ୍ନୁ ବେହେରା (୩୦)। କାହ୍ନୁ ଗତ ମେ' ୩୧ରେ ସମ୍ପୃକ୍ତ ମହିଳାଙ୍କୁ ଅସଦାଚରଣ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୫୦/୨୨ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ଅଭିଯୁକ୍ତ ଫେରାର ଥିବାରୁ ପୋଲିସ ତାକୁ ଗିରଫ କରି ପାରି ନ ଥିଲା। ଶୁକ୍ରବାର ରାତିରେ ଅଭିଯୁକ୍ତ କାହ୍ନୁ ଘରେ ଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା,୩।୯(ଡି.ଏନ.ଏ.)

ଧର୍ମଶାଳା ଥାନା ଚୋରମୁହାଁ ପଞ୍ଚାୟତ ନରସିଂହପୁର ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ଆଦିକନ୍ଦ ମହାରଣାଙ୍କ ପୁଅ ସୁଜିତ ମହାରଣା(୨୬)। ସୁଜିତ ରାତିରେ ପଡ଼ୋଶୀ ଗ୍ରାମରେ ଅନୁଷ୍ଠିତ ଗଣେଶ ପୂଜା ଭସାଣିରେ ସାମିଲ ହୋଇ ଫେରିବା ପରେ ଘରେ ଶୋଇଥିଲେ। ତେବେ ସକାଳୁ ତାଙ୍କର ଉଠିବା ବିଳମ୍ବ ହେବାରୁ ଘର ଲୋକେ ଡାକିଥିଲେ। ହେଲେ ସେ ଉଠି ନ ଥିଲେ। ପରିବାର ଲୋକେ ଝରକାରେ ଦେଖିବାବେଳକୁ ସେ ଫ୍ୟାନରେ ଝୁଲିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ଆତ୍ମହତ୍ୟାର କାରଣ ଜଣା ପଡ଼ିନାହିଁ। ଏନେଇ ଥାନାରେ ନଂ.୩୦/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପ୍ରକଳ୍ପ ଉଦ୍‌ଘାଟନ, ମିଶ୍ରଣ ପର୍ବ

ବରୀ,୩।୯(ଡି.ଏନ.ଏ.)

ବରୀ ବ୍ଲକ ଅନ୍ତର୍ଗତ ଅମଠପୁର ପଞ୍ଚାୟତରେ ଶନିବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏଥିସହିତ କମ୍ପଗଡ଼ ହାଟପଡ଼ିଆଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଅମଠପୁର ପଞ୍ଚାୟତର ତାରିଣୀ କମ୍ୟୁନିଟି ସେଣ୍ଟର, ତ୍ରିପାଠୀ ସାହି କମ୍ୟୁନିଟି ସେଣ୍ଟର, ଅସଲପୁର କମ୍ୟୁନିଟି ସେଣ୍ଟର, ଜଗନ୍ନାଥ କମ୍ୟୁନିଟି ସେଣ୍ଟର କମ୍ପଗଡ଼, ଭୁବନେଶ୍ୱରୀ କମ୍ୟୁନିଟି ସେଣ୍ଟର, ଭୁବନେଶ୍ୱରୀ ମନ୍ଦିର ପାଚେରି, ହାଟ ମଞ୍ଚ ଓ ହାଟ ଉପରେ ଏକ ହାଇ ମାଷ୍ଟ୍ ଲାଇଟ୍‌ର ଉଦ୍‌ଘାଟନ କରିଛନ୍ତି।

ପରେ ହାଟପଡ଼ିଆଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ବିଧାୟିକା ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ସାମିଲ୍ ହୋଇ ନିଜ ଅଞ୍ଚଳକୁ ଅଧିକ ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ଆୟୋଜିତ ସଭାରେ ପ୍ରାକ୍ତନ ସରପଞ୍ଚ ନିଳମଣୀ ପୃଷ୍ଟି ସଭାପତିତ୍ୱ କରିଥିବାବେଳେ ବିଜେଡି ବ୍ଲକ୍ ସଭାପତି କେଦାର ସାମଲ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସୁଧାକର ଶତପଥୀ, ଦଳୀୟ ସଂଯୋଜକ ଦେବେନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଜିଲା ଉପସଭାପତି ଆର୍ତ୍ତବନ୍ଧୁ ସାମଲ, ନୃସିଂହ ସାହୁ, ଅନିରୁଦ୍ଧ ମଲ୍ଲ, ଯୁବନେତା ପ୍ରିୟବ୍ରତ ମହାନ୍ତି, ସ୍ମୃତିରଞ୍ଜନ ପରିଡ଼ା, ମନୋଜ ମଲ୍ଲ ପ୍ରମୁଖ ମଞ୍ଚାସୀନ ହୋଇ ବିଧାୟିକାଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଅମଠପୁର ପଞ୍ଚାୟତର ବିକାଶରେ ମାଇଲ୍ ଖୁଣ୍ଟ ହେବ ବୋଲି କହିଥିଲେ। କମ୍ପଗଡ଼ ଗ୍ରାମ୍ୟ କମିଟି ପକ୍ଷରୁ ସଭାପତି ନିଳମଣୀ ପୃଷ୍ଟି ଓ ସମ୍ପାଦକ ପ୍ରଶାନ୍ତ ସାହୁ ବିଧାୟିକାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହିତ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ମିଶ୍ରଣ ପର୍ବରେ ବରିଷ୍ଠ କର୍ମୀ ସନାତନ ଦଳାଇ, ବାସୁଦେବ ଦଳାଇ, ଜଗଦୀଶ୍ ଦାସ, ପବନ ଦଳାଇ, ବନୋଜ କୁମାର ଦାସ, ବିଜୟ ଜେନା ଓ ଶିବପ୍ରସାଦ ମଲିକ ପ୍ରମୁଖ ୩୦ଜଣ ବିଭିନ୍ନ ଦଳର କର୍ମୀ ବିଜେଡିରେ ସାମିଲ୍ ହୋଇଥିଲେ। ସଂଯୋଜକ ଦାସ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।



ମିଶ୍ରଣ ପର୍ବରେ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

# କାର୍ଯ୍ୟାନୁଷ୍ଠାନ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବି

ପାଣିକୋଇଲି, ୩।୯ (ଡି.ଏନ.ଏ.)



ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବାକୁ ଆସିଥିବା ଆଇନଜୀବୀ ପ୍ରତିନିଧିମଣ୍ଡଳୀ।

ଟମକା ଥାନାର ଜଣେ ଅଧିକାରୀ ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ଯାଜପୁର ରୋଡ୍ ବାର ଆସୋସିଏଶନ ଓ ବ୍ୟାସନଗର ବାର୍ ଆସୋସିଏଶନ ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୨ ସଂଘର ଏକ ପ୍ରତିନିଧିମଣ୍ଡଳୀ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବି ଜଣାଇଛନ୍ତି।

ଯାଜପୁରରୋଡ୍ ବାର ଆସୋସିଏଶନ ଆଇନଜୀବୀ ଶ୍ରୀକାନ୍ତ ବଳ ଗତ ମାସ ୨୩ ତାରିଖରେ ଟମକା ଥାନାକୁ ଯାଇଥିଲେ। ଏହି ସମୟରେ ଥାନାର ଜଣେ ଅଧିକାରୀ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ବଳ ଆସୋସିଏଶନରେ ଜଣାଇବା ପରେ ଯାଜପୁରରୋଡ୍ ଓ ବ୍ୟାସନଗର ଆସୋସିଏଶନର ଏକ ମିଳିତ ବୈଠକ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଏକ ପ୍ରତିନିଧିମଣ୍ଡଳୀ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ସ୍ଥିର କରାଯାଇଥିଲା। ତଦନୁଯାୟୀ ପ୍ରତିନିଧିମଣ୍ଡଳୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଥିଲେ। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରତିଶ୍ରୁତି ଦେଇଛନ୍ତି। ଏତଦ୍‌ଭିନ୍ନ ବିଭିନ୍ନ ଥାନାରେ କେତେକ ପୋଲିସ ଅଧିକାରୀ ମାମଲାଗୁଡ଼ିକୁ ନିର୍ଦ୍ଦିଷ୍ଟ ଓକିଲଙ୍କୁ ଦେବାକୁ ପ୍ରବର୍ତ୍ତାଉଥିବା ପ୍ରତିନିଧିମଣ୍ଡଳୀ ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେବେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ କହିଥିଲେ। ଯାଜପୁରରୋଡ୍ ବାର ଆସୋସିଏଶନ ସଭାପତି ମଙ୍ଗୁଳି ଚରଣ ସାହୁ, ସମ୍ପାଦକ ରାଜେନ୍ଦ୍ର କୁମାର ବେହୁରା, ବ୍ୟାସନଗର ବାର ଆସୋସିଏଶନ ସମ୍ପାଦକ ରବି ନାୟକ, ସୁବାସ ବଳସାମନ୍ତ, ସରୋଜ ପଣ୍ଡା, ସୁବାସ ନନ୍ଦ, ଜଗନ୍ନାଥ ପତି ଓ ଶ୍ରୀକାନ୍ତ ବଳ ପ୍ରମୁଖ ପ୍ରତିନିଧିମଣ୍ଡଳୀରେ ସାମିଲ ହୋଇଥିଲେ।

### ଆଇନଜୀବୀଙ୍କୁ ପୋଲିସର ଦୁର୍ବ୍ୟବହାର

# ୩୦ ବର୍ଷ ପାଇଁ ଲିଜ୍ ମିଳିଛି: ଲିଜ୍‌ଧାରୀ

ଯାଜପୁର ଅଫିସ,୩।୯

### ପାରାଦୀପ ବନ୍ଦର ଟ୍ରଷ୍ଟର ଜମି ଜବରଦଖଲ ମାମଲା

■ ଆବଶ୍ୟକ ଯାଞ୍ଚ ନ କରି ବିଭାଗୀୟ ଭିଜିଲାନ୍ସ ତଦନ୍ତ ନିଷ୍ପତ୍ତି

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବ୍ରହ୍ମପୁରଶାସନ ଗ୍ରାମରେ ରହିଥିବା ପାରାଦୀପ ବନ୍ଦର ଟ୍ରଷ୍ଟ(ପିପିଟି)ର ୨୦.୦୪ ଏକର ଜମି ଜବରଦଖଲ ଅଭିଯୋଗ ମାମଲା ଏବେ ଭିନ୍ନମୋଡ ନେଇଛି। ଏହି ମାମଲାର ସିବିଆଇ ତଦନ୍ତ ଦାବି ହେବା ପରେ ପାରାଦୀପ ପୋର୍ଟ ଅଥରିଟିର ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକ ୨୩।୮।୨୦୨୨ ତଦନ୍ତ କରାଯିବ ବୋଲି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ପତ୍ର ଲେଖି ସହଯୋଗ କାମନା କରିଛନ୍ତି। ଅନ୍ୟପକ୍ଷେ ଉପରୋକ୍ତ ଜମି ଉପରେ ସୁପ୍ରିମକୋର୍ଟ ୨୦୧୬ରୁ ଦୀର୍ଘମିଆଦୀ ସୂତ୍ରରେ ୩୦ ବର୍ଷ ପାଇଁ ଲିଜ୍ ନିର୍ଦ୍ଦେଶ ଦେଇଥିବାବେଳେ ଆବଶ୍ୟକ କାଗଜପତ୍ର ଯାଞ୍ଚ ନ କରି କିପରି ବିଭାଗୀୟ ଭିଜିଲାନ୍ସ ତଦନ୍ତ କରାଯାଉଛି ସେ ନେଇ ଲିଜ୍‌ଧାରୀ ଶ୍ରୀବାସ ଜେନା ପ୍ରଶ୍ନ କରିଛନ୍ତି। ସେ ଆମ ପ୍ରତିନିଧିଙ୍କୁ କହିଛନ୍ତି, ୨୦୧୨ର ପୁରୁଣା ସୂଚନା ଅଧିକାର ଆଇନ(ଆରଟିଆଇ) ତଥ୍ୟକୁ ଭିତ୍ତିକରି ଏଭଳି ପଦକ୍ଷେପ ଗ୍ରହଣ କରିବା ତାଙ୍କୁ ମାନସିକ ଭାବେ ଆଘାତ ଦିଆଯାଉଛି ବୋଲି କହିଛନ୍ତି। ସେ ୨୦.୦୪ ଏକର ଜମିକୁ ୮୭ ଲକ୍ଷ ୨୫ ହଜାର ଟଙ୍କାରେ ୨୦୧୬ରୁ ୨୦୪୬ ପର୍ଯ୍ୟନ୍ତ ଲିଜ୍ ନେଇଥିବାର ଦାବି କରିଛନ୍ତି। ୨୦୧୫ରେ ସୁପ୍ରିମକୋର୍ଟ ତାଙ୍କ ସପକ୍ଷରେ ରାୟ ଦେବା ପରେ ୨୦୧୬ରୁ ପାରାଦୀପ ବନ୍ଦର ତାଙ୍କୁ ଲିଜ୍ ଦେଇଛନ୍ତି। ଏପରିକି ପାରାଦୀପ ବନ୍ଦର ଟ୍ରଷ୍ଟର ଆସିଷ୍ଟାଣ୍ଟ ଏଷ୍ଟେଟ ମ୍ୟାନେଜର ତାଙ୍କ ପତ୍ରସଂଖ୍ୟା ୨୮୬୪/୨୯।୭।୨୨ରେ ୨୦.୦୪ ଏକର ଜମିର ଲିଜ୍ ଭଡା ବାବଦକୁ ୨ ଲକ୍ଷ ୨ ହଜାର ୮୦୮ ଟଙ୍କା ୧୫ ଦିନ ମଧ୍ୟରେ ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଏହି ଅର୍ଥ ପଇଠ କରାଯାଇଛି ବୋଲି ଜେନା କହିଛନ୍ତି।

ସୂଚନାଯୋଗ୍ୟ ଯେ, ଧର୍ମଶାଳା ତହସିଲ ବ୍ରହ୍ମପୁରଶାସନ ଗ୍ରାମର ଖାତା ନମ୍ବର ୨୨୨ ଓ ପ୍ଲଟ ନମ୍ବର ୪୧୬, ୪୧୯, ୪୫୫, ୪୫୯ ଓ ୪୭୨ରେ ସମୁଦାୟ ୩୪.୪୬ ଏକର ଜମି ପାରାଦୀପ ବନ୍ଦର ଟ୍ରଷ୍ଟରେ ନାମରେ ରହିଛି। ଏଥିରୁ ୨୦.୦୪ ଏକର ଜମିକୁ ୧।୧୧।୨୦୦୭ରେ ଲାଇସେନ୍ସ ସୂତ୍ରରେ ୬ ବର୍ଷ ପାଇଁ ଶ୍ରୀବାସ ଜେନାଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ସେତେବେଳେ ଶ୍ରୀବାସ ଜେନାଙ୍କ ସହିତ କୌଣସି ଲିଜ୍ ଏଗ୍ରିମେଣ୍ଟ ହୋଇ ନ ଥିଲା। ତେବେ ଲାଇସେନ୍ସ ଚୁକ୍ତିର ଉଲ୍ଲଂଘନ କରିବାରୁ ୮।୨।୨୦୧୨ରେ ପାରାଦୀପ ବନ୍ଦର ଟ୍ରଷ୍ଟ କର୍ତ୍ତୃପକ୍ଷ ଜମି ନିଜ ହାତକୁ ନେଇ ଲାଇସେନ୍ସକୁ ବାତିଲ କରିଥିଲେ। ହେଲେ ବନ୍ଦର କର୍ତ୍ତୃପକ୍ଷ ଉକ୍ତ ଜମିରେ କୌଣସି କାର୍ଯ୍ୟ ନ କରିବାରୁ ଏଯାଏ ଜମି ଜେନାଙ୍କ କବଜାରେ ରହିଛି। ଏହାପରେ ଜେନା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷେ ବାକି ୧୪.୪୨ ଏକର ଜମିର ଚିହ୍ନଟ ହୋଇ ପାରି ନ ଥିବାବେଳେ ତାହାର କୌଣସି ପତ୍ତା ମିଳୁନାହିଁ ବୋଲି ପାରାଦୀପ ବନ୍ଦର ଟ୍ରଷ୍ଟର ତତ୍କାଳୀନ ସହକାରୀ ସମ୍ପାଦକ ଏ.କେ. ସାମଲ ଆରଟିଆଇ ତଥ୍ୟରେ ଉଲ୍ଲେଖ କରିଥିଲେ। ଏହି ୧୪.୪୨ ଏକର ଜମି ଏବେ କାହା ହାତରେ ରହିଛି ତାହା ତଦନ୍ତସାପେକ୍ଷ। ଏହା ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ବୋଲି ଲିଜ୍‌ଧାରୀ ଜେନା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସମବାୟ କର୍ମଚାରୀଙ୍କୁ ଆକ୍ରମଣ କୃଷି ବିଭାଗ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଟକ



ଆଳି,୩।୯(ଡି.ଏନ.ଏ.): ଶନିବାର କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଭୂଇଁପୁର ସମବାୟ ସମିତିର କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ଆକ୍ରମଣ କରିବା ଘଟଣାରେ ପୋଲିସ କୃଷି ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀ ତଥା କଳମଡ଼ା ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ଏହି ଘଟଣାକୁ କେନ୍ଦ୍ର କରି ଆଳି ଥାନାରେ ଭୂଇଁପୁର ସମବାୟ ସଭାପତି ଦିବାକର ପଣ୍ଡା ଓ ଡିଇଓ ସୁନିଲ ସେଠୀଙ୍କ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି । ଅଭିଯୋଗ ଅନୁଯାୟୀ, ଶନିବାର ଦିନ ପ୍ରାୟ ୨.୩୦ରେ ସଭାପତିଙ୍କ ସମେତ ସମବାୟ ସମ୍ପାଦକ, ସହ ସମ୍ପାଦକ, ଡିଇଓ ଏବଂ କଳସପୁର ସରପଞ୍ଚ ସୁଧିର ମଲିକ ଡାକବଙ୍ଗଳା ନିକଟରେ ଥିବା କାର୍ଯ୍ୟାଳୟ ପରିସରରେ ମଧାହ୍ନ ଭୋଜନ କରୁଥିଲେ । ଏହି ସମୟରେ କଳମଡ଼ା ଶାସନ ଗ୍ରାମର ପ୍ରଶାନ୍ତ ଦାସ (ନଣ୍ଡା ) ସେଠାରେ ପହଞ୍ଚି ସମସ୍ତ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହି ସମୟରେ ପ୍ରଶାନ୍ତ ସମବାୟ ସମିତିର ସହ ସମ୍ପାଦକ ନିରଞ୍ଜନ ଦୀକ୍ଷିତଙ୍କୁ ମାଡ଼ ମାରିଥିଲେ । ଅନ୍ୟମାନେ ପ୍ରତିବାଦ କରିବାରୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏଥି ସହିତ ଦିବାକର ଋଣ ଶୁଝିବା ନିମନ୍ତେ ରଖିଥିବା ୧ ଲକ୍ଷ ୮୭ ହଜାର ଟଙ୍କାକୁ ପ୍ରଶାନ୍ତ ଛଡାଇ ନେଇଥିଲେ । ସୁନିଲ ସେଠୀଙ୍କୁ ପ୍ରଶାନ୍ତ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ । ସମବାୟ କର୍ମଚାରୀମାନେ ଏ ସଂକ୍ରାନ୍ତରେ ଥାନାକୁ ଖବର ଦେଇଥିଲେ । ପୋଲିସ ପ୍ରଶାନ୍ତଙ୍କୁ ଥାନାକୁ ନେଇଛି ।

### କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓଙ୍କ ନିର୍ଦ୍ଦେଶ
### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଝିଅ ପାଠ ପଢ଼ାଇବା ଘଟଣା

ରାଜକନିକା,୩।୯(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ରାଉତବର୍ତ୍ତିନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଝିଅ ପାଠ ପଢ଼ାଉଥିଲେ । ଏହି ଘଟଣା ଗଣମାଧ୍ୟମରେ ଆସିବା ପରେ ଡିଇଓ ଶୁଭଲକ୍ଷ୍ମୀ ନାୟକ ତଦନ୍ତ ପାଇଁ ସିଆରସିସିଙ୍କୁ ଶନିବାର ଚିଠି (ନଂ-୧୧୭୭୫୫) କରିଛନ୍ତି । ଅଭିଯୋଗ ଅନୁଯାୟୀ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ବିଶ୍ୱାଳ ଗତ କିଛିଦିନ ତଳେ ସ୍କୁଲକୁ ଆସି ନ ଥିଲେ । ଏହି ସମୟରେ ତାଙ୍କ ଝିଅ ସୀମାରେଖା ଛାତ୍ରୀଛାତ୍ରଙ୍କୁ ସ୍କୁଲରେ ପାଠ ପଢ଼ାଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏନେଇ ଡିଇଓ ନାୟକ କହିଛନ୍ତି, ସିଆରସିସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବିପଦରେ ଭିତରକନିକାର ଜୈବ ବିବିଧତା

- ଜଳ ସଙ୍କଟ ସହ ଶିଳ୍ପ ପ୍ରଦୂଷଣ ବଢୁଛି
- ଖଣି,ଶିଳ୍ପ ପାଇଁ ବ୍ରାହ୍ମଣୀରୁ ଯାଉଛି ୮୬.୨୬ ଏମ୍‌ସିଏମ୍ ପାଣି
- ଅନୁଗୋଳ,ଭିତରକନିକା ମଧ୍ୟରେ ଜଳ ୧୦ ଗୁଣ ବିଷାକ୍ତ

କେନ୍ଦ୍ରାପଡ଼ା ଅଫିସ, ୩।୯

ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ଉପରେ ବିପଦ ଘନେଇ ଆସୁଛି । ମଧୁର ଜଳର ସଙ୍କଟ ସହ ଶିଳ୍ପ ପ୍ରଦୂଷଣ ଏହାର କାରଣ ସାଜିଛି । ଗତ ୩୦ ତାରିଖରେ ପେଟ୍ରୋ କେମିକାଲ ପ୍ଲାଣ୍ଟ ନିବେଶ ଅଞ୍ଚଳର ସମ୍ଭାବ୍ୟ ପରିବେଶ ପ୍ରଭାବ ନେଇ ମହାକାଳପଡ଼ା ବ୍ଲକ୍ ବାୟା ବାବା କଲେଜରେ ଏକ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ପରିବେଶବିତ୍‌ମାନେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ଓ ଭିତରକନିକା ଜୈବ ବିବିଧତା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ଏହି ଜିଲାରେ ଜଳ ସଙ୍କଟ ସହ ପ୍ରଦୂଷଣ ବଢ଼ୁଛି ବୋଲି ମତ ରଖିଥିଲେ ।

ଏହି ଅବସରରେ ପରିବେଶବିତ୍‌ମାନେ ଦର୍ଶାଇଥିଲେ, କେବଳ ବ୍ରାହ୍ମଣୀ ନଦୀରୁ ଶିଳ୍ପ ଓ ଖଣି ପାଇଁ ବର୍ଷକୁ ୮୬.୨୬ ମିଲିୟନ କ୍ୟୁବିକ ମିଟର ଜଳ ଉଠାଯାଉଛି । ସେହିପରି ଶିଳ୍ପ ପ୍ରଦୂଷଣରେ ଅନୁଗୋଳ ଓ ଭିତରକନିକା ମଧ୍ୟରେ ଥିବା ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି କେନ୍ଦ୍ର ପର୍ଯ୍ୟାବରଣ ବିଭାଗର ରିପୋର୍ଟରୁ ପ୍ରକାଶ ପାଇଛି । ଭିତରକନିକା ଜୈବ ବିବିଧତା ଓ ଏହାର ସମନ୍ୱିତ ପରିଚାଳନା ସମ୍ପର୍କରେ ଗବେଷଣା କରୁଥିବା ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଶରତ କୁମାର ସାହୁ ଓ ଅଧ୍ୟାପକ କ୍ଷିତିଶ କୁମାର ସିଂହ କହିଛନ୍ତି, ଭିତରକନିକା ପରିବେଶ ଏବେ ଉଦ୍‌ବେଜନକ ସ୍ଥିତି ଆଡକୁ ଯାଉଛି । ପ୍ରତିଦିନ ଏହି ଆଦ୍ରଭୂମିରେ ଜମା ହେଉଥିବା ପ୍ରଦୂଷିତ ଜଳ ଜୀବଜଗତ ପ୍ରତି ବିପଦ ସାଜିଛି । କେନ୍ଦ୍ର ପର୍ଯ୍ୟାବରଣ ବିଭାଗ ପକ୍ଷରୁ ୨୦୦୮ରେ ବ୍ରାହ୍ମଣୀ, ବୈତରଣୀ ଅବବାହିକାର ଜଳ ସମ୍ପର୍କରେ ଅନୁଧ୍ୟାନ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ ହୋଇଛି । ଏଥିସହିତ ଭିତରକନିକାକୁ ପ୍ରବେଶ କରୁଥିବା ଜଳ ଉତ୍ସ ଉପରେ ନିର୍ଭର କରୁଥିବା ଲୁହା ଓ ଆଲୁମିନିୟମ ଶିଳ୍ପ, ସିମେଣ୍ଟ, ଫେରୋକ୍ରମ, ସାର କାରଖାନା ଆଦିର ଜଳ ଗ୍ରହଣ ଓ ପ୍ରଦୂଷିତ ଜଳ ପ୍ରେରଣକୁ ନେଇ ଅନୁଧ୍ୟାନ ହୋଇଥିଲା । ଏହି ଅନୁଧ୍ୟାନରେ ବ୍ରାହ୍ମଣୀ ଜଳ ଶିଳ୍ପ ପାଇଁ ଅଧିକ ପ୍ରଦୂଷିତ ହେଉଥିବା ଦର୍ଶାଯାଇଛି । ଏପରିକି ଅନୁଗୋଳଠାରେ ପାଣି ନମୁନା ଓ ଭିତରକନିକା ପାଣି ନମୁନା ମଧ୍ୟରେ ୧୦ ଗୁଣ ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି । ଭିତରକନିକା ଜୈବ ବିବିଧତା ସୁରକ୍ଷାରେ ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ଜଳ ଗୁରୁତ୍ୱ ବହନ କରୁଛି । ତେବେ ଏଥିମଧ୍ୟରୁ ସର୍ବାଧିକ ଜଳ ବ୍ରାହ୍ମଣୀ ନଦୀ ଯୋଗାଇଥାଏ । ଏହି ନଦୀ ଅବବାହିକାରେ ଜନସଂଖ୍ୟା ବୃଦ୍ଧିକୁ ତାଳ ଦେଇ ଶିଳ୍ପ ସଂଖ୍ୟା ବୃଦ୍ଧି ପାଉଛି । ଶିଳ୍ପରୁ ବାହାରୁଥିବା ଫ୍ଲାଏ ଆଶ ବା ଉଡନ୍ତା ପାଉଁଶର ନିୟନ୍ତ୍ରଣ ପାଇଁ ଜଳର ଆବଶ୍ୟକତା ଅଛି । ଶିଳ୍ପ ଓ ଖଣି କାର୍ଯ୍ୟ ପାଇଁ ବର୍ଷକୁ ୮୬.୨୬ ଏମ୍‌ସିଏମ୍ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ ହେଉଛି । ନଦୀ ଅବବାହିକାରେ ଥିବା ଅନୂନ୍ୟ ୧୦ ଖଣି ପାଇଁ ଦୈନିକ ୧୫,୮୦୦ କିଲୋ ଲିଟର ଜଳ ବ୍ୟବହାର ହେଉଛି । ଏହାବ୍ୟତିତ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପାନୀୟ ଜଳ ଓ ଚାଷ ପାଇଁ ମେଗା ପ୍ରକଳ୍ପମାନ ପ୍ରତିଷ୍ଠା ହୋଇଛି । ଶିଳ୍ପରୁ ବାହାରୁଥିବା ପ୍ରଦୂଷିତ ଜଳ ନଦୀକୁ ବିଷାକ୍ତ କରୁଥିବା ବେଳେ ଶିଳ୍ପ ଓ ଜନସାଧାରଣଙ୍କ ଆବଶ୍ୟକତା ପାଇଁ ନଦୀରେ ଜଳ ସଙ୍କଟ ଆରମ୍ଭ ହୋଇଛି ।

କେନ୍ଦ୍ରୀୟ ବିଭାଗର ୨୦୧୩ ରିପୋର୍ଟ ମଧ୍ୟ ଅନୁରୂପ ମତ ଉଲ୍ଲେଖ କରିଛି । ଭିତରକନିକାରେ ଜମା ହେଉଥିବା ବିଷାକ୍ତ ଜଳ ସାମୁଦ୍ରିକ ଓ ବନ୍ୟ ପ୍ରାଣୀ ସମେତ ଜୈବ ବିବିଧତାର ବିପଦ ସାଜିଛି । ବିଷାକ୍ତ ଜଳର ନିରାକରଣ ବ୍ୟବସ୍ଥା ସମ୍ପର୍କରେ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ । ଏପରିକି ନିକଟରେ ଥିବା ଧାମରା ଓ ପାରାଦୀପ ବନ୍ଦରକୁ ବଡ଼ ଜାହାଜ ଓ ନିକଟସ୍ଥ ଅଏଲ ରିଫାଇନାରୀରୁ ତେଲ ଲିକ୍ ହେବାର ସମ୍ଭାବନା ଅଛି । ଏହି ବିପଦରୁ ମୁକ୍ତ ପାଇଁ ଓ ଜୈବ ବିବିଧତା ସମନ୍ୱିତ ପରିଚାଳନା ପାଇଁ ପର୍ଯ୍ୟାବରଣ ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଗବେଷକମାନେ ମତ ଦେଇଛନ୍ତି ।



ହେନ୍ତାଳ ବଣ କ୍ଷୟ ହେବାରେ ଲାଗିଛି ।

### ଶିଶୁଙ୍କ କଥା ଭୁଲିଗଲା ପ୍ରଶାସନ

ମାର୍ଶାଘାଇ,୩।୯(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଞ୍ଚଳରେ ବନ୍ୟା ତାଣ୍ଡବ ରଚିଥିଲା । ଏବେ ନଦୀରୁ ବନ୍ୟାଜଳ କମି ଯାଇଥିବା ବେଳେ ଗାଁ ଗଣ୍ଡାରୁ ପାଣି ଛାଡିଛି । ୭ଦିନ ଧରି ବନ୍ୟାଜଳ ଗାଁଗଣ୍ଡାରେ ରହିଥିଲା । ମାର୍ଶାଘାଇ ବ୍ଲକରେ ୧୬ ପଞ୍ଚାୟତରେ ୨୩ ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା । ପ୍ରାୟ ୧୭ହଜାର ଲୋକେ ଜଳବନ୍ଦୀ ଥିଲେ । ସେମାନଙ୍କ ମଧ୍ୟରେ ୨୭୬ ଗର୍ଭବତୀ ଓ ପ୍ରସୂତି ମହିଳା ଥିବା ବେଳେ ଜନ୍ମରୁ ୬ବର୍ଷ ପର୍ଯ୍ୟନ୍ତ ୧୪୩୯ଜଣ ଶିଶୁ ରହିଥିବା ମାର୍ଶାଘାଇ ବ୍ଲକ ସମ୍ପନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ପ୍ରୀତିଲତା ପାଢୀ ସୂଚନା ଦେଇଛନ୍ତି । ଉପରୋକ୍ତ ମହିଳା ଓ ଶିଶୁଙ୍କୁ ସରକାର ପୃଷ୍ଟିକର ଖାଦ୍ୟ ଛତୁଆ ଯୋଗାଇ ଆସୁଥିଲେ । ହେଲେ ବନ୍ୟାରେ ଛତୁଆ ପାଇବାରୁ ସେମାନେ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଅଧିକାରିଣୀ ପାଢୀଙ୍କ କହିବା କଥା ଅଗଷ୍ଟ ୧ରୁ ସମସ୍ତଙ୍କୁ ଛତୁଆ ବଣ୍ଟନ କାମ ସରିଥିବାରୁ ଆଉଥରେ ସେପ୍ଟେମ୍ବରରୁ ଦିଆଯିବ । ବନ୍ୟା ଯୋଗୁ ଘରେ ପାଣି ପଶିଥିଲ । ଫଳରେ ଛୋଟ ପିଲାମାନଙ୍କ କଥା ଆହୁରୀ ସଙ୍ଗୀନ ହୋଇଥିଲା । ବନ୍ୟା ସମୟରେ ଛୋଟ ପିଲାମାନେ କ୍ଷୀର ଟିକେ ପାଉ ନ ଥିବା ବେଳେ ପୃଷ୍ଟିକର ଖାଦ୍ୟ (ଛତୁଆ ) କଥା କିଏ ପଚାରେ । ରାଜ୍ୟ ସରକାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ ମଧ୍ୟ ଶିଶୁଖାଦ୍ୟ ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା । ବନ୍ୟାଞ୍ଚଳର ଗର୍ଭବତୀ ଓ ଶିଶୁମାନଙ୍କ କଥା ଜିଲା ପ୍ରଶାସନର ନଜରକୁ ଆସି ନ ଥିଲା । ଏହାକୁ ନେଇ ବୁଦ୍ଧିଜୀବିମାନେ କ୍ଷୋଭ ପ୍ରକାଶ କରିଛନ୍ତି ।



ରାଜନଗରର ଶହୀଦ ସ୍ମୃତିସ୍ତମ୍ଭ ଉଦ୍‌ଘାଟନୀ ଉତ୍ସବରେ ବନ ବିଭାଗ ଅଧିକାରୀ, କର୍ମଚାରୀଙ୍କ ସହ ଅତିଥି ।

### ମଦବୋତଲ ଭାଙ୍ଗି ୨ କର୍ମଚାରୀଙ୍କୁ ଆକ୍ରମଣ

**ଥାନାରେ ଜଣେ ଅଟକ**

ମାର୍ଶାଘାଇ,୩।୯(ଡି.ଏନ.ଏ.)

ମାର୍ଶାଘାଇ ଥାନା ଅନ୍ତର୍ଗତ ବଡ଼ପାଳ ଗ୍ରାମ ନିକଟରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନର ୨ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି । ଦାଦାବଟି ମାଗି ବିଫଳ ହେବାପରେ ଜଣେ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଆକ୍ରମଣକାରୀଙ୍କୁ ପୋଲିସ ଅଟକ ରଖିଛି । ଦୋକାନର କର୍ମଚାରୀ ତଥା ବଡ଼ପାଳ ଗ୍ରାମର ଅରକ୍ଷିତ ପରିଡା ଥାନାରେ ଦେଇଥିବା ଏତଲା ଅନୁଯାୟୀ, ଆଠ ବାଟିଆ ଗ୍ରାମର ବିକାଶ ବେହେରା ଓରଫ ବିକା ଗତ କିଛି ଦିନ ହେବ ଦୋକାନକୁ ଆସି ଗାଳିଗୁଲଜ କରି ମାସିକିଆ ବଟି ପାଇଁ ଜୁଲମ କରୁଥିଲେ । ଶନିବାର ଅପରାହ୍ନରେ ସେ ନିଜର ଦୁଇ ସହଯୋଗୀଙ୍କୁ ସାଥିରେ ଧରି ଦୋକାନରେ ଟଙ୍କା ମାଗି ଗଣ୍ଡଗୋଳ କରୁଥିଲେ । ଏହାକୁ ଅରକ୍ଷିତ ପ୍ରତିରୋଧ କରିବାରୁ ସେ ଏକ ମଦ ବୋତଲ ଭାଙ୍ଗି ତାଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଅରକ୍ଷିତଙ୍କ ହାତରେ ଗଭୀର ଆଘାତ ଲାଗିଛି । ଆଉଜଣେ ସେଲସ୍ ମ୍ୟାନ ମଧ ପ୍ରତିରୋଧ କରିବାରୁ ତାଙ୍କୁ ବି ଆକ୍ରମଣ କରାଯାଇଛି । ଏ ସଂକ୍ରାନ୍ତରେ ମାର୍ଶାଘାଇ ଥାନା ପୋଲିସ ଏକ ମାମଲା(ନଂ.୩୫୦/୨୨) ରୁଜୁ କରି ବିକାଶଙ୍କୁ ଅଟକ ରଖିଛି ।

### ଗୋଚାଲାଣକୁ ବିରୋଧ କରିବାରୁ ମରଣାତ୍ମକ ଆକ୍ରମଣ

କେନ୍ଦ୍ରାପଡ଼ା ଅଫିସ,୩।୯

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଗୋଚାଲାଣକୁ ବିରୋଧ କରିବାରୁ ସାମାଜିକ କର୍ମୀ ଶୁଭାଶିଷ ଷଡ଼ଙ୍ଗୀଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି । ପୋଲିସ ଗୁରୁତର ଅବସ୍ଥାରେ ଶୁଭାଶିଷଙ୍କୁ ଦୁର୍ବୃତ୍ତଙ୍କ କବଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଲୁହା ରଡ଼ ମାଡରେ ତାଙ୍କର ବାମ ହାତ ଓ ଡାହାଣ ଗୋଡ଼ ଫୁଲି ଯାଇଛି । ଏବେ ବି ସେ ଚିକିତ୍ସାଧୀନ ଅଛନ୍ତି । ଏସମ୍ପର୍କରେ ଶୁଭାଶିଷ କହିଛନ୍ତି, ଶୁକ୍ରବାର ବିଳମ୍ବିତ ରାତିରେ ଥାନା ଅଧୀନ ମେଣ୍ଟିପୁରଠାରେ କେତେଜଣ ଗୋରୁ ବ୍ୟବସାୟୀ ଗୋଟିଏ ଟ୍ରକରେ ବେଆଇନ ଭାବେ ଗୋଚାଲାଣ କରୁଥିବା ଖବର ମିଳିଥିଲା । ଏନେଇ ଥାନାକୁ ଜଣାଇବା ପରେ ଘଟଣାସ୍ଥଳକୁ ଯାଇ ସାମାଜିକ ଗଣମାଧ୍ୟମରେ ଲାଇଭ ପ୍ରଚାର କରିଥିଲି । ଏହି ଘଟଣା ପରେ ଗୋଚାଲାଣକାରୀ ଟ୍ରକରୁ ଲୁହା ରଡ ଆଣି ତାଙ୍କ ସହିତ ଅନ୍ୟ ୩ ଜଣଙ୍କୁ ଆକ୍ରମଣ କରିଥିଲେ । ଏଥିସହିତ ମୋବାଇଲ ଛଡାଇ ନେଇଥିବା ସେ ପ୍ରକାଶ କରିଛନ୍ତି । ଅପରପକ୍ଷେ ଗୋଚାଲାଣକାରୀ ବାରମ୍ବାର ସାମାଜିକ କର୍ମୀଙ୍କ ଉପରେ ଆକ୍ରମଣ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି ।

### ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଜଣେ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯାଉଛି ।

ରାଜନଗର,୩।୯(ଡି.ଏନ.ଏ.)

ରାଜନଗର ବ୍ଲକ ବନ୍ଧପାଟଣା ଗ୍ରାମରେ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁନି କୁନି ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କବି ପ୍ରମୋଦ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ କୁନି ନୃତ୍ୟଶିଳ୍ପୀ ପ୍ରିୟଙ୍କା ବାରିକ, ସୁଲଗ୍ନା ଲେଙ୍କା, ସୁନିଲ କୁମାର ସେଠୀଙ୍କୁ ପୁରସ୍କୃତ କରିବା ସହିତ ଏହି କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲା । ସମ୍ମାନୀତ ଅତିଥି ଭାବେ ସରପଞ୍ଚ ବୈଦେହୀ ଦାସ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ଧୀରେନ ବିଶ୍ୱାଳ ପ୍ରମୁଖ ଯୋଗଦେଇ କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ । ନବୀନ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଦଲ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବନ୍ଧପାଟଣା ଗଣେଶ ପୂଜା କମିଟିର ନୃସିଂହ ବିଶ୍ୱାଳ, ମଳୟ କୁମାର ବେହେରା, ତୁଷାରକାନ୍ତ ବେହେରା, ବିକାଶ ବାରିକ, ପ୍ରିୟ ରଞ୍ଜନ ସେଠୀ, ଅଞ୍ଜନ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ୨.୨୦ଲକ୍ଷ ଟଙ୍କାରେ ଗଣେଶଙ୍କ ଲଡୁ ନିଲାମ



ସୁଭଦ୍ରା ବେହେରା ନିଲାମ ଲଡୁ ଗ୍ରହଣ କରୁଛନ୍ତି ।

ରାଜନଗର,୩।୯(ଡି.ଏନ.ଏ.)

୭ କେଜି ଲଡୁର ଦାମ ଦେଢ ଲକ୍ଷ ଟଙ୍କା । କାନକୁ ଏହା ଅଡୁଆ ଲାଗୁଥିଲେ ବି କଥାଟି ସତ । ଲଡୁଟି ଗଣେଶଙ୍କ ପ୍ରସାଦ ହୋଇଥିବାରୁ ଏହାକୁ ଦେଢ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି । କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣାର ମା’ଜୟଦୁର୍ଗା କ୍ଲବ ପକ୍ଷରୁ ପ୍ରତିବର୍ଷ ଜାକଜମକରେ ଗଣେଶ ପୂଜା କରାଯାଇଥାଏ । ପ୍ରତିବର୍ଷ ଶ୍ରୀଗଣେଶଙ୍କ ପାଖରେ ପ୍ରସାଦ ଭାବେ ଲାଗି ହୋଇଥିବା ଲଡୁକୁ ନିଲାମ କରାଯାଇଥାଏ । ଚଳିତ ବର୍ଷ ଗଣେଶଙ୍କ ପାଖରେ ଗୋଟିଏ ୭କେଜି ଓ ଆଉ ଗୋଟେ ୪ କେଜି ଓଜନର ଲଡୁ ପ୍ରସାଦ ଭାବେ ଲାଗି କରାଯାଇଥିଲା । ଏହାକୁ ନିଲାମ ଡକାଯାଇଥିଲା । ବାଲିକଣା ଗାଁର ସୁଭଦ୍ରା ବେହେରା ୭ କେଜି ଓଜନର ଲଡୁକୁ ଦେଢ ଲକ୍ଷ ଟଙ୍କାରେ ନିଲାମ ଧରିଥିଲେ । ୪ କେଜି ଓଜନର ଲଡୁକୁ ପ୍ରଭାତ ବଳ ୭୦ ହଜାର ଟଙ୍କାରେ ନିଲାମ ଧରିଥିଲେ । ନିଲାମ ବାବଦ ଟଙ୍କା କମିଟି ଫଣ୍ଡରେ ରଖାଯାଇ ପୂଜା ପାର୍ବଣ ସହିତ ବିଭିନ୍ନ ଜନହିତକର କାର୍ଯ୍ୟ ବିନିଯୋଗ କରାଯାଇଥାଏ । କ୍ଲବର ସଭାପତି ରାଧାକାନ୍ତ ରାଉତରାୟ, ସମ୍ପାଦକ ପବିତ୍ର ମୋହନ ରାଉତ, ନରେନ୍ଦ୍ର ରାଉତ, ବାସୁଦେବ ମହାନ୍ତି, ଶୈଳେନ୍ଦ୍ର ଦାସ, ବିଶ୍ୱ ରଞ୍ଜନ ରାଉତ, ସୁଚିତ ରାଉତ, ବିପିନି ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୩ଦିନ ଧରି ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହେନ୍ତାଳବନର ସୁରକ୍ଷା,ବୃଦ୍ଧି ପାଇଁ ପ୍ରୟାସ

**ସଂରକ୍ଷିତ ଜଙ୍ଗଲରେ ହେନ୍ତାଳବୃକ୍ଷ ନର୍ସରି ଉଦ୍‌ଘାଟିତ**

ରାଜନଗର,୩।୯(ଡି.ଏନ.ଏ.)

ବଙ୍ଗୋପସାଗର ତଟବର୍ତ୍ତୀ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରାକୃତିକ ଭାବେ ଗଢି ଉଠିଥିବା ହେନ୍ତାଳବନର ସୁରକ୍ଷା ଏବଂ ବୃଦ୍ଧି ପାଇଁ ରାଜନଗର ବନବିଭାଗ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଧିରେ ଧିରେ ଭିତରକନିକା ସୀମା ସରହଦରେ ବେଆଇନ ଭାବେ ଗଢି ଉଠିଥିବା ଚିଙ୍ଗୁଡିଘେରିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ଭିତରକନିକାରେ ପ୍ରବାହିତ ନଦୀ ନାଳର ଜଳରେ ମିଶିବା ଦ୍ୱାରା ହେନ୍ତାଳ ବୃକ୍ଷ ପ୍ରତି ବିପଦ ସୃଷ୍ଟି କରୁଛି । ରାଜନଗର ବନବିଭାଗ ପକ୍ଷରୁ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ବାଉଁଶଗଡି ନଦୀ ପାଖ ସୁନେଇ ରୂପେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଚାରିଘରିଆଠାରେ ହେନ୍ତାଳବୃକ୍ଷ ନର୍ସରୀ ସ୍ଥାପନ କରାଯାଇଛି । ଏହାକୁ ରାଜନଗର ଡିଏଫଓ ଡ. ଯଜ୍ଞଦତ୍ତ ପତି ଉଦ୍‌ଘାଟିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏସିଏଫ୍ ପୁନମ ହୀରା ହାଁସଦା, ଗବେଷକ ପ୍ରସନ୍ନ କୁମାର ନାୟକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଇକ୍ରିକର ସଂଯୋଜକ ଦେବାଶିଷ ପତି, ଫରେଷ୍ଟର ପଦ୍ମନାଭ ରାଉତ, ରଞ୍ଜନ କୁମାର ପାଣି, ରଞ୍ଜିତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଲୁଣା ଜଙ୍ଗଲ ପରିସର ବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ଲୁଣା ଗଛର ଚାରା ଯେପରି ସହଜରେ ଉପଲବ୍ଧ ହେବ, ସେଥିପାଇଁ ଭିତରକନିକାର ଡାଙ୍ଗମାଳଠାରେ ୬୭ ପ୍ରଜାତିର ଲୁଣା ଗଛର ନର୍ସରୀ ଗୋଟିଏ ସ୍ଥାନରେ ନିର୍ମାଣ କରାଯାଇଛି । ଚାରିଘରିଆଠାରେ ମ୍ୟାନଗ୍ରୁଭ ମେଟା ନର୍ସରୀ ଉଦ୍‌ଘାଟିତ ହୋଇଛି । ଏହି ନର୍ସରୀରେ ଭିତରକନିକାରେ ଥିବା ସମସ୍ତ ୬୭ ପ୍ରଜାତିର ଲୁଣା ଗଛର ଚାରା ପ୍ରସ୍ତୁତ କରାଯିବ । ବର୍ତ୍ତମାନ ପ୍ରଥମ ଦଫାରେ ରାଇ, ସିନ୍ଦୁକା, ଗରାଣୀ, ବଣରୁଅ, ହେନ୍ତାଳ, ସୁନ୍ଦରୀ, କରଞ୍ଜ, ହବାଳି, କେରୁଆଁ, ଶିଶୁମର, ପାଣିଆମ୍ବ, ଖରିସେଣା, ବନୀ, ଗୁଆଁ, ପାଳିଆଚୁଆ, ଡଟ, ସିଙ୍ଗଡା ଆଦି ୨୨ ପ୍ରଜାତିର ୩୫ ହଜାର ଚାରା ପ୍ରସ୍ତୁତ କରାଯାଇଛି । ବାଉଁଶଗଡ଼ ନଦୀରୁ ଏହି ନର୍ସରୀକୁ ସ୍ଲୁଇସ୍ ମାଧ୍ୟମରେ ଲୁଣାପାଣି ଯାଆସ କରୁଛି । ପୂର୍ବରୁ ଯେଉଁ ସ୍ଥାନରେ ଚାରା ରୋପଣ ହେଉଥିଲା ତା ପୂର୍ବରୁ ସେହି ସ୍ଥାନରେ ଚାରା ପ୍ରସ୍ତୁତ କରାଯାଇଥାଏ । ଭିତରକନିକା ଲୁଣା ଜଙ୍ଗଲ ପାଇଁ ପ୍ରସିଦ୍ଧିଲାଭ କରିଥିଲେ ମଧ୍ୟ ସ୍ଥାୟୀ ଲୁଣା ଗଛର ନର୍ସରୀ ନ ଥିଲା । ଭାରତର କୌଣସି ସ୍ଥାନରେ ଗୋଟିଏ ସ୍ଥାନରେ ୬୭ ପ୍ରଜାତିର ଲୁଣା ଗଛର ଚାରା ପ୍ରସ୍ତୁତି ନିମନତେ ନର୍ସରୀ ନାହିଁ ବୋଲି କୁହାଯାଉଛି ।

ଭିତରକନିକା ଜାତୀୟ ଉଦ୍ୟାନରେ ହେନ୍ତାଳବଣର ବୃଦ୍ଧି ପାଇଁ ବ୍ୟାପକ କାର୍ଯ୍ୟକ୍ରମ ବନବିଭାଗ ହାତକୁ ନେଇଛି । ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ-୨୦୨୧ର ରିପୋର୍ଟ ଅନୁସାରେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ଗତ ୨ ବର୍ଷରେ ଲୁଣା ଜଙ୍ଗଲ ସବୁଠୁ ଅଧିକ ବୃଦ୍ଧି ପାଇଛି । ଓଡିଶାର ଭିତରକନିକା ଜାତୀୟ ଉଦ୍ୟାନରେ ଲୁଣା ଜଙ୍ଗଲର କଳେବର ବୃଦ୍ଧି ପାଇଛି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ସାରା ଦେଶରେ ଗତ ୨ ବର୍ଷରେ ୧୭ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ବୃଦ୍ଧି ପାଇଥିବା ବେଳେ ସେଥିମଧ୍ୟରୁ ଓଡିଶାରେ ୮.୩୪ ବର୍ଗ କି.ମି.ଲୁଣା ଜଙ୍ଗଲ ବୃଦ୍ଧି ପାଇଛି । ଓଡିଶାରେ ବୃଦ୍ଧି ପାଇଥିବା ୮.୩୪ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ମଧ୍ୟରୁ କେବଳ ଭିତରକନିକା ଜାତୀୟ ଉଦ୍ୟାନରେ ୭.୭୬ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ବୃଦ୍ଧି ପାଇଛି । ଗତ କିଛି ବର୍ଷ ହେଲା ରାଜ୍ୟ ଓ କେନ୍ଦ୍ର ସରକାର ଲୁଣା ଜଙ୍ଗଲ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରୁଛନ୍ତି । ସାରା ବିଶ୍ୱରେ ୯୨ ପ୍ରଜାତିର ହେନ୍ତାଳ ବଣ ଦେଖା ଯାଉଥିବା ବେଳେ ଭାରତରେ ୭୩ ପ୍ରଜାତିର ଓ ଭିତରକନିକାରେ ସମସ୍ତ ୭୩ ପ୍ରଜାତିର ହେନ୍ତାଳ ବଣ ଦୃଷ୍ଟିଗୋଚର ହୋଇଥାଏ । ଲୁଣା ଜଙ୍ଗଲ ବା ହେନ୍ତାଳବଣ ଉପକୂଳର ସୁରକ୍ଷା କବଚ । ବିଭିନ୍ନ ଝଡ, ବାତ୍ୟା ସମୟରେ ଲୁଣା ଜଙ୍ଗଲ ଉପକୂଳର ସୁରକ୍ଷା କବଚ ହୋଇଆସିଛି । ବାତ୍ୟା ଓ ଲୁଣା ଜୁଆର ପ୍ରତିରୋଧ କ୍ଷମତା ଲୁଣା ଜଙ୍ଗଲର ରହିଛି । ସମୁଦ୍ର ତଟଭୂମିରେ ସୁରକ୍ଷା କବଚ ଭଳି ଲୁଣା ଜଙ୍ଗଲ ଉଭୟ ସ୍ଥଳ ଓ ଜଳଭାଗକୁ ସୁରକ୍ଷା ଦେଇଥାଏ ।





ହେନ୍ତାଳବନ ପାଇଁ ନର୍ସରି ।

# ବାଘ, ବାର୍‌ହା ଦାନ୍ତ ଜବତ: ଜଣେ ଗିରଫ

**ନୟାଗଡ଼ ଅଫିସ/ରଣପୁର,୩।୯(ସ୍ୱ.ପ୍ର.)**

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ରଣପୁର ମଣିନାଗସାହିରୁ ଖୋର୍ଦ୍ଧା ବନବିଭାଗ ଶୁକ୍ରବାର ବାଘ ଓ ବାର୍‌ହାର ଦୁଇଟି ଦାନ୍ତ ସହ ନେପାଳି ମୂଷା ଓ ଶୁଆକୁ ଜବତ କରିଛି। ଏହି ଘଟଣାରେ ବନ୍ୟଜନ୍ତୁ ବ୍ୟବସାୟୀ ରଣପୁର ମଣିନାଗସାହିର ବିନୋଦ ବିହାରୀ ପ୍ରଧାନଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ଖବର ପାଇବା ପରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଗ୍ରାହକ ସାଜି ବିନୋଦଙ୍କ ଘରେ ଚଢ଼ାଉ କରିବା ପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଥିଲା ।

ସୂଚନା ଅନୁଯାୟୀ, ବାଘ ଓ ବାର୍‌ହା ଦାନ୍ତ ବ୍ୟବସାୟ ରଣପୁର ମଣିନାଗସାହିରେ ହେଉଥିବା ଗତ କିଛିଦିନ ତଳେ ଅଭିଯୋଗ ପାଇଥିଲା ବନବିଭାଗ। ସେଠାରେ ଧରପଗଡ଼ ପାଇଁ ଏକ ଟିମ୍ ଗଠନ କରାଯାଇଥିଲା । ଖୋର୍ଦ୍ଧା ଏସିଏଫ୍‌ଙ୍କ ନେତୃତ୍ୱରେ ରଣପୁର ଓ ଟାଙ୍ଗୀ ରେଞ୍ଜରଙ୍କ ସମେତ ଖୋର୍ଦ୍ଧା ବନ୍ୟ ପ୍ରାଣୀ ସଂରକ୍ଷକ କୁଶାଳ ବିଶ୍ୱାଳ ଚଢ଼ାଉରେ ସାମିଲ ହୋଇଥିଲେ । ବାଘ ନଖ କିଣିବା ପାଇଁ ବିନୋଦଙ୍କ ସହ ଗ୍ରାହକ ସାଜି ଆଲୋଚନା କରାଯାଇଥିଲା । ଟଙ୍କା ଦେଣ ନେଣ ଉପରେ କଥାବାର୍ତ୍ତା ଆରମ୍ଭ ହେବା ପରେ ବନବିଭାଗର ଟିମ୍ ଚଢ଼ାଉ କରି ସଫଳତା ପାଇଥିଲା । ଜବତ ଦାନ୍ତ, ନେପାଳି ମୂଷା ଓ ଶୁଆ କେଉଁଠାରୁ ବିନୋଦ ଆଣିଲେ ପଚରାଉଚୁରା ଚାଲିଛି। ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବାର ଆଳ ଦେଖାଇ ବନବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଗତ କିଛି ମାସ ତଳେ ଏସ୍‌ଟିଏଫ୍ ବାଘ ଛାଲ ଜବତ କରିଥିଲା । ଏବେ ବାଘ ଓ ବାର୍‌ହା ଦାନ୍ତ ଜବତ ପରେ ରଣପୁରରେ ବାଘ ଓ ଅନ୍ୟ ଜୀବଜନ୍ତୁ ଶିକାରୀ ସକ୍ରୀୟ ଥିବା ପ୍ରମାଣିତ ହେଉଛି ।

- ଗ୍ରାହକ ସାଜି ବନବିଭାଗ ଅଧିକାରୀଙ୍କ ଚଢ଼ାଉ
- ଏବେ ବି ବନ୍ୟପ୍ରାଣୀ ଶିକାରୀ ସକ୍ରିୟ





ଜବତ ବାଘ,ବାର୍‌ହା ଦାନ୍ତ, ନେପାଳି ମୂଷା ଓ ଶୁଆ ।

# ମାମଲାରୁ ବାଦ୍ ପଡ଼ିଥିବା ମୁଖ୍ୟ ଅଭିଯୁକ୍ତଙ୍କ ନାମ ଯୋଡ଼ିବାକୁ କୋର୍ଟଙ୍କ ନିର୍ଦ୍ଦେଶ

**ଖଣ୍ଡପଡ଼ା,୩।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ତନ୍ତିସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦୨୦ ଅକ୍ଟୋବର ୨୩ରେ ପଡୋଶୀ ଉଦୟ ନାଥ ସାହୁ ଓ ତାଙ୍କ ପୁଅ ଯୋଗେଶ୍ୱର, ଭାବେଶ୍ୱରଙ୍କ ଆକ୍ରମଣରେ ଚନ୍ଦ୍ରଶେଖର ସାହୁ ଗୁରୁତର ହୋଇଥିଲେ। ପୁଅ ରଣଜିତ୍ ବି ସାମାନ୍ୟ ଆହତ ହୋଇଥିଲେ । ଘଟଣା ସମ୍ପର୍କରେ ରଣଜିତ୍ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଉଦୟନାଥ ଓ ତାଙ୍କ ପୁଅଙ୍କ ନାମରେ ମାମଲା ରୁଜୁ କରିଥିଲା । ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ସେହି ସମୟରେ ଉଦୟନାଥ ଓ ତାଙ୍କ ବଡପୁଅ ଯୋଗେଶ୍ୱରଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ତେବେ ଅନ୍ୟ ଅଭିଯୁକ୍ତ ଭାବେଶ୍ୱରଙ୍କୁ ପୋଲିସ ଗିରଫ ନ କରିବା ଓ ପରବର୍ତ୍ତୀ ସମୟରେ ତତ୍କାଳୀନ ଖଣ୍ଡପଡା ଏସ୍‌ଡିପିଓଙ୍କ ତଦନ୍ତ ରିପୋର୍ଟ ଆଧାରରେ ପୋଲିସ ଉକ୍ତ ମାମଲାରୁ ଭାବେଶ୍ୱରଙ୍କ ନାମ ବାଦ ଦେଇ ଖଣ୍ଡପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀଙ୍କ ଅଦାଲତରେ ରିପୋର୍ଟ ଦାଖଲ କରିଥିଲା । ଅଭିଯୋଗକାରୀ ରଣଜିତ୍ ଏ ସମ୍ପର୍କରେ ଅବଗତ ହେବା ପରେ ତତ୍କାଳୀନ ଏସ୍‌ଡିପିଓଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ନୟାଗଡ଼ ଏସ୍‌ପି ଓ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଶେଷରେ ନ୍ୟାୟ ପାଇବା ପାଇଁ ରଣଜିତ୍ ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଅତିରିକ୍ତ ଜିଲା ଦୌରାଜଜ୍ ମାମଲାର ଶୁଣାଣି କରି ଗତ ଅଗଷ୍ଟ ୨୯ରେ ରାୟ ପ୍ରକାଶ କରିଛନ୍ତି । ତୁରନ୍ତ ମାମଲାରୁ ବାଦ୍ ପଡିଥିବା ମୁଖ୍ୟ ଅଭିଯୁକ୍ତ ଭାବେଶ୍ୱର ସାହୁଙ୍କ ନାମ ଦରଜ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ପୁଣି ୩ ଅଭିଯୁକ୍ତ ଜେଲ ଗଲେ



ଗିରଫ ହୋଇଥିବା ୩ ଅଭିଯୁକ୍ତ ।

**ନୟାଗଡ଼ ଅଫିସ,୩।୯**

ଦଣ୍ଡ ଶୋଭାଯାତ୍ରାକୁ ନେଇ ଘଟିଥିବା ହତ୍ୟାକାଣ୍ଡରେ ନୟାଗଡ ଟାଉନ ଥାନା ପୋଲିସ ଦେଉଳପଲ୍ଲୀ ଗାଁର ଗୋବିନ୍ଦ ଭୋଳ(୬୦), ରବୀନ୍ଦ୍ର ପ୍ରଧାନ(୬୦) ଓ ପ୍ରତାପ ପ୍ରଧାନ(୪୨)ଙ୍କୁ ଗିରଫ କର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୩ ହତ୍ୟା ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁଯାୟୀ, ୨୦୨୨ ଏପ୍ରିଲ ୧୩ ରାତିରେ ଦଣ୍ଡପର୍ବରେ ଶୋଭାଯାତ୍ରାକୁ ନେଇ ସୃଷ୍ଟି ବିବାଦ ଘଟଣାରେ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁର ଯୁବ ଇଞ୍ଜିନିୟର ନବୀନ ପରିଡା(୨୬)ଙ୍କୁ ହତ୍ୟା କରାଯାଇଥିଲା। ଦେଉଳପଲ୍ଲୀ ଗାଁଲୋକ ନବୀନଙ୍କୁ ହତ୍ୟା କରି ଫୋପାଡି ଦେଇଥିବା ଅଭିଯୋଗ ହୋଇଛି । ସେହିପରି ସିନ୍ଦୁରିଆ ଲୋକନାଥ ମନ୍ଦିରରେ ଦୁର୍ଗାପ୍ରସାଦର ଦଣ୍ଡୁଆମାନଙ୍କୁ ତାଲା ପକାଇ ପ୍ରାୟ ଅଧ ଘଣ୍ଟାଏ ଧରି ଟେକାପଥର ମାଡ କରାଯାଇଥିଲା। ଭଉଣୀ ସସ୍ମିତା ଦାସ ଓ ଆହତଙ୍କ ଅଭିଯୋଗ ଅନୁସାରେ ପୋଲିସ ସିନି ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ଆରତ ପ୍ରଧାନ, ଅରୁଣ ପ୍ରଧାନ, ବିରଞ୍ଚି ପ୍ରଧାନ, ଆନନ୍ଦ ପ୍ରଧାନ, ଲକ୍ଷ୍ମଣ ପ୍ରଧାନଙ୍କସମେତ ଏକାଧିକ ଲୋକଙ୍କ ନାଁରେ ୪୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସେହିପରି ପୋଲିସକୁ ଆକ୍ରମଣ ଘଟଣାରେ ୪୪/୨୨ରେ ଅନ୍ୟ ଏକ ମାମଲା ହୋଇଥିଲା । ଏହି ଘଟଣାର ପୋଲିସ ୧୯ ଅଭିଯୁକ୍ତ ଓ ୨ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସଂକ୍ଷେପରେ

### ଆର୍‌ସିଏମ୍ କଲେଜରେ ସମ୍ବର୍ଦ୍ଧନା ସମାରୋହ

**ଖଲ୍ଲିକୋଟ,୩।୯(ଡି.ଏନ.ଏ.):** ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ (ଆରସିଏମ)ର ସ୍ମାର୍ଟ କ୍ଲାସ ରୁମ୍‌ରେ ଯୁକ୍ତ ତିନି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଶନିବାର ଏକ ସମ୍ବର୍ଦ୍ଧନା ସମାରୋହ ଆଇକ୍ୟୁଏସି ତରଫରୁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିମଳ ପ୍ରସାଦ ସାହୁ ଯୋଗଦେଇ ମାନପତ୍ର ଓ ଉପଢୌକନ ଦେଇ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଆଇକ୍ୟୁଏସ୍ ସଂଯୋଜକ ତ୍ରିନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂରାଜୀ ଭାଷା ସାହିତ୍ୟ ବିଭାଗର ଏସ୍. ପୂଜାରାଣୀ ଦୋରା, ଇତିହାସ ବିଭାଗର ପ୍ରିୟଙ୍କା ଗଉଡ, ସୋମ୍ୟରଞ୍ଜନ ପଣ୍ଡା, ଶ୍ରାବଣୀ ଗଉଡ, ବାଲ୍ମୀକି ଡାକୁଆ, ଓଡ଼ିଆ ବିଭାଗର ଲିଜାରାଣୀ ପଣ୍ଡା, ଜେ. ନିକିତା ଆଚାରି, କଳ୍ପନା ପରିଡ଼ା, ରାଜନୀତି ବିଜ୍ଞାନ ବିଭାଗର ଚିନ୍ମୟୀ ଶତପଥୀ, କିରଣ କୁମାରୀ ପ୍ରଧାନ, ଈଶ୍ୱରୀ ଦାସ, ଶୁଭଶ୍ରୀ ବେହେରା, ବାଣିଜ୍ୟ ବିଭାଗର ତାରା ପ୍ରସାଦ ସୁବୁଦ୍ଧି, ରେଶ୍ମା ଗଉଡ, ସୁରଜ କୁମାର ସାହୁ, ଆଲୋକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନାକ୍ ସଂଯୋଜକ ବିଜୟ ଚନ୍ଦ୍ରାକ୍ଷ ଦେଓ ଧନ୍ୟବାଦ ଦେଇଥିଲେ।

### ପାର୍କ ନିର୍ମାଣ ଦାବି

**ଶେରଗଡ଼, ୩।୯ (ଡି.ଏନ.ଏ.):** ଶେରଗଡ଼ ବ୍ଲକରେ ପାର୍କ ନିର୍ମାଣ ନିମନ୍ତେ ଦାବି କରିଛନ୍ତି ଅଞ୍ଚଳବାସୀ। ଶେରଗଡରେ ପାଖାପାଖି ୧୦ ହଜାର ପରିବାର ରହୁଛନ୍ତି। ସେମାନଙ୍କ ଚିତ୍ତ ବିନୋଦ ପାଇଁ ପାର୍କଟିଏ ନାହିଁ। ଗତ ୨୦ ବର୍ଷ ଧରି ଅଞ୍ଚଳବାସୀ ଏହି ଦାବି କରିଆସୁଛନ୍ତି। ଇତି ମଧ୍ୟରେ ତିନିଜଣ ବିଡିଓ ବଦଳି ହୋଇଗଲେଣି। ସମସ୍ତେ ପାର୍କ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ ମଧ ଏଯାଏଁ ତାହା ହୋଇପାରିନାହିଁ। ନିକଟ ପାଟପୁର ବ୍ଲକରେ ସୁନ୍ଦର ଭାବେ ଦୁଇଟା ପାର୍କ ନିର୍ମାଣ ହୋଇଥିଲେ ମଧ ଏଠାରେ ଗୋଟିଏ ପାର୍କ ନିର୍ମାଣ ନହେବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ କହିଛନ୍ତି। ତେଣୁ ତୁରନ୍ତ ପ୍ରଶାସନ ଏ ନେଇ ପଦକ୍ଷେପ ନେଇ ଏକ ପାର୍କ ନିର୍ମାଣ କରିବାକୁ ଦାବି ହୋଇଛି।

### ଗାଗନାପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ପୁରୁଷୋତ୍ତମପୁର,୩।୯(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ବ୍ଲକ ଗାଗନାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଇ ରମେଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରମ ନିଯୁକ୍ତି ଓ ରାଷ୍ଟ୍ରବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ସଂଯୋଜକ ନିର୍ମଳ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ଭଜମନ ବେହେରା, ବ୍ଲକ ଅଧକ୍ଷା ପିଙ୍କି ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ପି ନାରାୟଣ ରାଓ, ସରପଞ୍ଚ ପ୍ରିୟଙ୍କା ସେଠୀ, ସମିତିସଭ୍ୟ ସୁଲତା ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ, ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ପଣ୍ଡା ଯୋଗଦେଇଥିଲେ। ୧୯୦୮ରେ ପ୍ରତିଷ୍ଠିତ ଏହି ପୁରାତନ ବିଦ୍ୟାଳୟରେ ଶିକ୍ଷକ ଅଭାବ ସାଙ୍ଗକୁ ବିଭିନ୍ନ ସମସ୍ୟାକୁ ନେଇ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ ଲାଗି ଗ୍ରାମବାସୀ ଅନୁରୋଧ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଅବହେଳିତ ବର୍ଗର ରକ୍ଷା କବଚ ସମ୍ବିଧାନ

**ସମ୍ବିଧାନର ସୁରକ୍ଷାରେ ନାଗରିକର ଭୂମିକା ଆଲୋଚନାଚକ୍ର**

**ନୟାଗଡ଼ ଅଫିସ,୩।୯**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ଅବସରରେ ସୁବର୍ଣ୍ଣ ଜୟନ୍ତୀ ସଭାକକ୍ଷରେ 'ସମ୍ବିଧାନର ସୁରକ୍ଷାରେ ନାଗରିକଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଭିଜିଟିଂ ଅଫିସର ପ୍ରଫେସର ବିଜୟ କୁମାର ବହିଦାର ଯୋଗ ଦେଇ ଭାରତର ସମ୍ବିଧାନ ହେଉଛି ସାଧାରଣ ମଣିଷ ଓ ବଞ୍ଚିତ ବର୍ଗର ରକ୍ଷା କବଚ ବୋଲି କହିଛନ୍ତି । ସେ ପୁଣି କହିଛନ୍ତି, ଶାସକ ବର୍ଗଙ୍କ ସ୍ୱାର୍ଥନ୍ୱେଷୀ ସ୍ୱେଚ୍ଛାଚାର ବାରମ୍ବାର ସମ୍ବିଧାନକୁ ଉଲ୍ଲଂଘନ କରି ଚାଲିଛି, ଯାହାକି ଗଣତନ୍ତ୍ରର ବିଧି ବ୍ୟବସ୍ଥାକୁ ଭୂଲୁଣ୍ଠିତ କରିଛି । ଏଭଳିସ୍ଥଳେ ସମ୍ବିଧାନର ଅଧିକାର ସମସ୍ତଙ୍କ ପାଇଁ ସମାନ ଥିବାବେଳେ ଥିବା ଓ ନ ଥିବା ଲୋକଙ୍କ ମଧ୍ୟରେ ବ୍ୟବଧାନ କମିବା ବଦଳରେ ବଢ଼ିଚାଲିଛି । ସମ୍ବିଧାନର ସୁରକ୍ଷାର ଅର୍ଥ ହେଉଛି ଦେଶବାସୀଙ୍କୁ ସାମାଜିକ ଅର୍ଥନୈତିକ ନ୍ୟାୟ ପ୍ରଦାନ କରିବା । ଏହାକୁ କାର୍ଯ୍ୟକାରୀ ସରକାର କରିବେ । ଏନେଇ ସଚେତନତାର ଅଭାବ ରହିଥିବାରୁ ଅବହେଳିତ ବର୍ଗ ଉପେକ୍ଷିତ ହୋଇ ଚାଲିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁରେଶ ଚନ୍ଦ୍ର ମିଶ୍ର ଓ ଆଲୁମିନା କୋର କମିଟିର ଆବାହକ ବିଶ୍ୱନାଥ ମହାପାତ୍ର ଯୋଗ ଦେଇ କହିଥିଲେ ହୀରକ ଜୟନ୍ତୀ ଅବସରରେ ବୌଦ୍ଧିକ ଆଲୋଚନା ଚକ୍ର ଅଧିକରୁ ଅଧିକ କରାଯିବାର ଆବଶ୍ୟକତା ରହିଛି। ରାଜନୀତି ବିଜ୍ଞାନର ଅଧ୍ୟାପକ ଆଦିତ୍ୟ ମିଶ୍ର ଏଥିରେ ସଂଯୋଜନା କରିଥିଲେ।







ଆଲୋଚନାଚକ୍ରରେ ଅତିଥି ଓ ଅନ୍ୟମାନେ।

# ମା'କୋଳକୁ ଫେରିଲାନି ଶିଶୁକନ୍ୟା

**ନୟାଗଡ଼ ଅଫିସ,୩।୯**

- ପୋଲିସ ଉପସ୍ଥିତିରେ ମାରପିଟ୍ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍
- ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସହଯୋଗ ନାହିଁ
- ନ୍ୟାୟ ନ ପାଇଲେ ଆତ୍ମାହୁତି ଦେବେ ମାଆ

ନୟାଗଡ଼ ଜିଲା ଇଟାମାଟି ଥାନା ଖେଡବାରଣା ଗାଁରେ ମା'କୋଳରୁ ଶିଶୁ କନ୍ୟାକୁ ଶାଶୁ ଘର ଲୋକେ ଛଡାଇ ନେବା ଘଟଣାକୁ ୫ ଦିନ ବିତିଛି । ହେଲେ ପୋଲିସ ଏଯାବତ ଶିଶୁକନ୍ୟାକୁ ଉଦ୍ଧାର କରି ମା'କୋଳକୁ ଫେରାଇ ପାରିନାହିଁ। ଅନ୍ୟପକ୍ଷେ ୨ ବର୍ଷର ଶିଶୁକନ୍ୟାଙ୍କୁ ପାଇବା ପାଇଁ ମା'ଶନିବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀଙ୍କୁ ଭେଟିଥିଲେ ମଧ ସେମାନଙ୍କ ସହଯୋଗ ମିଳି ନାହିଁ । ଶେଷରେ ସମ୍ପୃକ୍ତା ମହିଳା ନିରାଶ ହୋଇ ଘରକୁ ଫେରିଛନ୍ତି । ନ୍ୟାୟ ପାଇବାରୁ ବଞ୍ଚିତ ହେଲେ ଥାନା ସମ୍ମୁଖରେ ସେ ଆତ୍ମହତ୍ୟା କରିବେ ବୋଲି କାନ୍ଦି କାନ୍ଦି କହିଛନ୍ତି ।

ଅଭିଯୋଗ ଅନୁଯାୟୀ, ହରିପୁର ଗାଁର ଚିରଞ୍ଜୀବି ପ୍ରଧାନଙ୍କ ଝିଅ ଲକ୍ଷ୍ମୀପ୍ରିୟା(୨୧) ଫେବୃୟାରୀ ୨୬, ୨୦୧୮ରେ ଖେଡବାରଣା ଗାଁର ନରେନ୍ଦ୍ର ରାଉତ(୨୮)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୫୦ ହଜାର ଟଙ୍କା, ଦେଢ଼ ଭରି ଓଜନର ସୁନା ଚେନ, ୫ ଚିନାରେ ମୁଦି,ଟିଭି, ଫ୍ରିଜ୍ ସହ ଅନ୍ୟାନ୍ୟ ଆସବାବପତ୍ର ଯୌତୁକ ବାବଦରେ ସ୍ୱାଇଁଙ୍କୁ ଦିଆଯାଇଥିଲା । ବିବାହର କିଛି ମାସ ଏହି ଦମ୍ପତି ଭଲରେ ଚଳିଥିଲେ। ପରେ ଅଧିକ ୧ଲକ୍ଷ ଟଙ୍କା ଓ ଦେଢ଼ ଭରି ଓଜନର ସୁନା ଚେନ୍ ପାଇଁ ଲକ୍ଷ୍ମୀଙ୍କୁ ଶାଶୁଘର ଲୋକେ ଚାପ ପକାଇ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ବୋହୂଙ୍କୁ ମାର ପିଟ୍ କରି ଶାଶୁ ଘର ଲୋକେ ବାହାରକୁ ବିଦା କରି ଦେଇଥିଲେ। ପରେ ଭଦ୍ରଲୋକ ଓ ପୋଲିସର ହସ୍ତକ୍ଷେପ ପରେ ସ୍ୱାମୀଙ୍କ ସହିତ ସେ ଏକାଠି ରହୁଥିଲେ । ଏହି ଦମ୍ପତିଙ୍କ ୨ବର୍ଷର ଏକ ଝିଅ ଅଛି । ଅଗଷ୍ଟ ୨୯ରେ ବୋହୂକୁ ମାରପିଟ୍ କରି ହତ୍ୟା କରିବାକୁ ଯୋଜନା କରିଥିଲେ। କିନ୍ତୁ ୨ ବର୍ଷର ଶିଶୁ କନ୍ୟାଙ୍କୁ ଛଡାଇ ନେଇ ବୋହୂକୁ ଘରୁ ରାତିରେ ବିଦା କରି ଦେଇଥିଲେ । ବୋହୂ ଗଛ ତଳେ ରାତି ତମାମ ଆଶୟ ନେଲେ । ଏଣେ ଥାନାରେ ଶାଶୁଘର ଲୋକେ ନିଖୋଜ ମାମଲା ରୁଜୁ କରିଥିଲେ । ଏଭଳିସ୍ଥଳେ ବୋହୁ ଲକ୍ଷ୍ମୀପ୍ରିୟା ନିଜ ଜୀବନ ବଞ୍ଚାବାକୁ ଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ବାପ ଘରକୁ ଫେରିଥିଲେ । ବାପା ଚିରଞ୍ଜୀବିଙ୍କ ସହ ଲକ୍ଷ୍ମୀପ୍ରିୟା ଇଟାମାଟି ଥାନାକୁ ଯାଇ ଶିଶକନ୍ୟାଙ୍କୁ ଉଦ୍ଧାର ସହ ନ୍ୟାୟ ନ୍ୟାୟ ପାଇଁ ଥାନାରେ ଏତଲା ଦେଇଥିଲେ । ପୋଲିସର ପରାମର୍ଶ କ୍ରମେ ବାପ ଝିଅ ଖେଡବାରଣାକୁ ଗତ ୩୦ତାରିଖ ସନ୍ଧ୍ୟାରେ ଯାଇଥିଲେ । ପୋଲିସ ଉପସ୍ଥିତିରେ ବୋହୂକୁ ମାରପିଟ୍ କରାଗଲା। ପୋଲିସ ନୀରବଦ୍ରଷ୍ଟା ସାଜିଥିଲା। ବୋହୂଠାରୁ ଛଡାଇ ନେଇଥିବା ୨ ବର୍ଷର ଶିଶୁକନ୍ୟାଙ୍କୁ ଶାଶୁଘର ଲୋକେ ଫେରାଇଲେ ନାହିଁ । ଏନେଇ ଲକ୍ଷ୍ମୀପ୍ରିୟା ରାଉତ କୁହନ୍ତି, ଝିଅ କ୍ଷୀର ଖାଉଥିଲା । ମୋ ଠାରୁ ଛଡାଇ ନେଇ ମୋ ବାପାଙ୍କ ନାଁରେ ମିଛ ମାମଲା କରିଛନ୍ତି । ପୋଲିସ ଉପସ୍ଥିତିରେ ଶାଶୁ, ଶ୍ୱଶୁର ଓ ସ୍ୱାଇଁ ମିଳିତ ଭାବେ ମାରପିଟ୍ କଲେ ମଧ ପୋଲିସ ଚୁପ ରହିଥିଲା । ଏଥିପାଇଁ ମୋତେ ଓ ମୋ ବାପାଙ୍କୁ ପୋଲିସ ଦୋଷ ଦେଇଛି। ଏତେ ସବୁ ପରେ ପୋଲିସ ମୋ ଶାଶୁ ଘର ଲୋକଙ୍କୁ କାହିଁକି ସହାୟତା କରୁଛି ମୁଁ ବୁଝି ପାରୁ ନାହିଁ । ତେବେ ମୁଁ ଚୁପ୍ ବସିବି ନାହିଁ । ମୋ ଝିଅକୁ ଫେରି ପାଇବା ପାଇଁ ମୁଁ ଉଦ୍ୟମ କରିବି । ନଚେତ୍ ଥାନା ସମ୍ମୁଖରେ ବାଧ ହୋଇ ଆତ୍ମହତ୍ୟା କରିବି ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଇଟାମାଟି ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ କୁହନ୍ତି, ମାଆ କୋଳକୁ ୨ ବର୍ଷର ଶିଶୁକୁ ଫେରାଇ ଆଣିବାକୁ ପୋଲିସର ଉଦ୍ୟମ ଜାରି ରହିଛି । ଖୁବ୍‌ଶୀଘ୍ର ଆମେ ଏଥିରେ ସଫଳ ହେବୁ।

# ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

**ନେହୁରା ହେଲେ ବି ସମସ୍ୟା ସୁଧୁରୁନି**

**କବିସୂର୍ଯ୍ୟନଗର,୩।୯(ଡି.ଏନ୍.ଏ.)**

ନାଳ ନର୍ଦ୍ଦମା ପାଣି ରାସ୍ତାରେ ଭାସିବା ଫଳରେ ପୂତି ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଯିବା ଆସିବାରେ ସମସ୍ୟା ଉପୁଜିବା ସହ ଘର କବାଟ ସବୁବେଳେ ବନ୍ଦ କରିବାକୁ ବାଧ ହେଉଛନ୍ତି ସାହିବାସୀ। ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଆସିବେ ବୋଲି ସାହିବାସିନ୍ଦ ଚେତାବନୀ ଦେଇଛନ୍ତି। ଦୀର୍ଘ ବର୍ଷ ହେଲା ସାହିବାସୀ ଜନ ପ୍ରତିନିଧି ଓ ବିଡ଼ିଓଙ୍କୁ ସମାଧାନ ପାଇଁ ବାରମ୍ବାର ନେହୁରା ହେଲେ ବି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି କବିସୂର୍ଯ୍ୟନଗର ବ୍ଲକ ବୁଢ଼ାମ୍ବ ପଞ୍ଚାୟତରେ। ଏହି ପଞ୍ଚାୟତର ମୁସିଲିମ ବସ୍ତି ଓ ହରିଜନ ବସ୍ତିର ରାସ୍ତା ଅବସ୍ଥା କହିଲେ ନ ସରେ। ଏହି ସମସ୍ୟା ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ହେବ। ଏନେଇ କବିସୂର୍ଯ୍ୟନଗର ବିଡ଼ିଓ ବାସୁଦେବ ନାୟକ ଓ ସରପଞ୍ଚ ସୁଜିତ ପଣ୍ଡାଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନଥିବା ଅଭିଯୋଗ କରିଛନ୍ତି। ସରପଞ୍ଚ କେଶବ ପ୍ରଧାନଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରି ମଧ କିଛି ସୁଫଳ ମିଳିନଥିବା କହିଛନ୍ତି ସାହିବାସିନ୍ଦା। ଏନେଇ ଗତ ଗୁରୁବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୈଫତ ଅଲ୍ଲୀ ଖାଁ, ଯୁବରାଜ ନାହାକ, ବବୁଲୁ ନାହାକ, ରାଜା ଖାଁ, ଅଜିତ କୁମାର ବେହେରା, ଇବ୍ରାହିମ ଖାଁ, ଲିକୁନ ଖାଁ ଓ କାବୁ ଖାଁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।



ରାସ୍ତାରେ ଭାସୁଛି ନାଳନର୍ଦ୍ଦମା ପାଣି ।

ଇଣ୍ଡିଆନ ବ୍ୟାଙ୍କ Indian Bank ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା**
ପ୍ଲଟ ନଂ. ୫୧୬, ମାଗ୍ନେଟିକ୍ ସ୍କୋୟାର, ପୋ.:କିଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍,** ପିତା: ରାମଚନ୍ଦ୍ର ସେନ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଲିପିକା ଦାସ,** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, **ଉଭୟଙ୍କ ଠିକଣା:** ସା-କାଞ୍ଚିଲୋ, ଥାନା/ ତହସିଲି: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୧୦୧ । | ଟ.୩୧,୫୨,୯୦୫/- | ତା.୦୫.୦୮.୨୦୨୨ ସୁଦ୍ଧା ଟ.୩୫,୮୯,୩୪୧.୭୭ | ୦୬.୦୮.୨୦୨୨ / ୨୩.୧୨.୨୦୨୦ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଚିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫ । |
| **ଋଣଗ୍ରହୀତା: ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି,** ପିତା: ଶ୍ରୀ ରବିନ୍ଦ୍ର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ନିଶାମଣୀ ମହାନ୍ତି,** ସ୍ୱା: ଶ୍ରୀ ରବିନ୍ଦ୍ର ମହାନ୍ତି, **ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ରବିନ୍ଦ୍ର ମହାନ୍ତି, ପିତା: ୰ଗନ୍ଧର୍ବ ମହାନ୍ତି,** ସମସ୍ତଙ୍କ ଠିକଣା: ପ୍ଲଟନଂ.୩୫୭, ସମେଇଗାଡିଆ, ପୋ.: ରସୁଲଗଡ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୧୦୧୦। | ଟ.୧୭,୦୦,୦୦୦/- | ତା.୩୧.୦୭.୨୦୨୨ ସୁଦ୍ଧା ଟ.୭,୯୬,୯୪୮.୦୧ | ୦୮.୦୮.୨୦୨୨ / ୦୯.୦୭.୨୦୨୨ | **ଶ୍ରୀ ରବିନ୍ଦ୍ର ମହାନ୍ତି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୮୮/୫୪୭୧/୮୬୦୫, ଖାତା ନଂ.୧୩୩୦/୩୦୨୨, ସବ୍ ପ୍ଲଟ ନଂ.୧୨, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.୩୮, ପାଣ୍ଡରା, ଥାନା: ମଞ୍ଚେଶ୍ୱର ନଂ.୨୮, ତହସିଲି/ ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୪୬ ଡିସିମିଲି (୪୩୫୬୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୨୪୦୪, ଏହାର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ନଂ.୧୧, ଦକ୍ଷିଣ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା, ପୂର୍ବ- ସବ୍ ପ୍ଲଟ ନଂ.୧୫, ପଶ୍ଚିମ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା। |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣମାନଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୩.୦୯.୨୦୨୨ | କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ସେପ୍ଟେମ୍ବର ୨୦୨୨



## ସଂକ୍ଷେପରେ

### ହାଇଦ୍ରାବାଦ ଫେରନ୍ତା ଯୁବକଙ୍କୁ ଡେଙ୍ଗୁ

ବ୍ରହ୍ମପୁର ଅଫିସ,୩।୯-ବ୍ରହ୍ମପୁର ଲାଞ୍ଜିପଲ୍ଲୀରେ ରହୁଥିବା ଜଣେ ଯୁବକଙ୍କ ଡେଙ୍ଗୁ ପଜିଟିଭ ରିପୋର୍ଟ ଆସିଛି। ଜିଲାରେ ଏହାକୁ ମିଶାଇ ୩୪ ଆକ୍ରାନ୍ତ ହୋଇଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଲାଞ୍ଜିପଲ୍ଲୀର ଉକ୍ତ ଯୁବକ ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। କିଛିଦିନ ତଳେ ସେଠାରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ପରେ ସେ ଲାଞ୍ଜିପଲ୍ଲୀ ଫେରିଥିଲେ। ତାଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ଉକ୍ତ ଯୁବକଙ୍କ ଡେଙ୍ଗୁ ରିପୋର୍ଟ ଶନିବାର ପଜିଟିଭ ଆସିଛି।

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୩।୯ (ଡି.ଏନ୍.ଏ): ବଜ୍ରପାତରେ ଶନିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଇପୁରର ବାସୁଦେବ ଜେନା (୪୭)। ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିବା ତାଙ୍କୁ ବଜ୍ରାଘାତ ହୋଇଥିଲା। ଗୁରାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ପଠାଇବା ସହ ଏକ ଅପମୃତ୍ୟୁ ମାମଲା ୯/୨୨ ରୁଜୁ କରି ତଦନ୍ତ ଚଳାଇଛି।

### ହିଞ୍ଜିଳିକାଟୁରେ ଖୋଲିବ ସିନିୟର୍ ଡିଭିଜନ ସିଭିଲ କୋର୍ଟ

ହିଞ୍ଜିଳିକାଟୁ,୩।୯(ଡି.ଏନ.ଏ.): ହିଞ୍ଜିଳିକାଟୁରେ ସିନିୟର୍ ଡିଭିଜନ ସିଭିଲ କୋର୍ଟ ଖୋଲିବା ପାଇଁ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ନଂ.୯୬୫୭ ପ୍ରକାଶ ପାଇଛି। ଏହା ଜେଏମ୍ଏଫ୍ସି କୋର୍ଟ ପରିସରରେ ଖୋଲାଯିବ। ଏହି ସିନିୟର୍ ଡିଭିଜନ ସିଭିଲ କୋର୍ଟ ଇଲାକା ଜୁନିୟର ଡିଭିଜନ କୋର୍ଟର କ୍ଷେତ୍ରାଧିକାର ସହ ସମାନ ରହିବ। ହିଞ୍ଜିଳିକାଟୁଠାରେ ଏହି କୋର୍ଟ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଦାବି ହୋଇ ଆସୁଥିଲା। ସିନିୟର୍ ଡିଭିଜନ ସିଭିଲ କୋର୍ଟ ପ୍ରତିଷ୍ଠା ହେବା ଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଦେୱାନୀ ମାମଲା ଗୁଡ଼ିକ ନିଜ ଅଞ୍ଚଳରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ ହେବ ବୋଲି ଓକିଲ ସଂଘ ପକ୍ଷରୁ ଆଶା ପ୍ରକାଶ ପାଇଛି।

### ସ୍ତ୍ରୀଙ୍କୁ ନିଆଁ ଲଗାଇବା ଘଟଣା ଅଭିଯୁକ୍ତ ସ୍ୱାମୀ ଜେଲଗଲେ

ଦିଗପହଣ୍ଡି,୩।୯ (ଡି.ଏନ.ଏ.)- ସ୍ତ୍ରୀଙ୍କ ଉପରେ ସାନିଟାଇଜର ଢ଼ାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଘଟଣାରେ ଦିଗପହଣ୍ଡି ପୋଲିସ ସ୍ୱାମୀ ସଞ୍ଜୟ କୁମାର ପ୍ରଧାନଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଗୁରୁବାର ସନ୍ଧ୍ୟା ପ୍ରାୟ ୬ ଟାରେ ମହୁଡ଼ା ଗ୍ରାମର ସଞ୍ଜୟ ତାଙ୍କ ସ୍ତ୍ରୀ ରିତାଙ୍କୁ ସାନିଟାଇଜର ଢାଳି ନିଆଁ ଲଗାଇ ପୋଡି ମାରିଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ରିତା କୌଶଳକ୍ରମେ ନିଆଁ ଲିଭାଇ ଦୌଡ଼ି ତାଙ୍କ ମାଉସୀ ଘରକୁ ଚାଲି ଯାଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରିତାଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# ଚାଷୀଙ୍କ ଆୟ ତିନି ଗୁଣ ଉପରେ ଜିଲାପାଳଙ୍କ ଗୁରୁତ୍ୱ

## କୃଷି ବିଭାଗର ଜିଲା ସ୍ତରୀୟ ସମୀକ୍ଷା ବୈଠକ

ଛତ୍ରପୁର,୩।୯(ଡି.ଏନ.ଏ.)



ଛତ୍ରପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶନିବାର କୃଷି ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ଚାଷୀମାନେ କିପରି ଅଧିକରୁ ଅଧିକ ରୋଜଗାରକ୍ଷମ ହୋଇପାରିବେ ଓ ବିଭିନ୍ନପ୍ରକାର ଚାଷ କାର୍ଯ୍ୟ କରି ବହୁ ମାତ୍ରାରେ ଆର୍ଥିକ ଲାଭବାନ ହୋଇପାରିବେ ସେଥିପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାର କେଉଁ ବ୍ଲକରେ କେଉଁ ପ୍ରକାର ଚାଷ କାର୍ଯ୍ୟ ଚାଷୀମାନେ କରୁଛନ୍ତି ତାହା କ୍ଲଷ୍ଟର ସ୍ତରରେ ତାଲିକା ପ୍ରସ୍ତୁତ କରାଯିବା ସହ ଚାଷୀମାନେ କିପରି ଠିକ ଭାବେ ବିଭିନ୍ନ ରକମର ଚାଷ କରିପାରିବେ ସେଥି ନିମନ୍ତେ କ୍ଲଷ୍ଟର ସ୍ତରରେ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷଣ ଦେବାକୁ ଜିଲାପାଳ କୃଷି ଓ ଉଦ୍ୟାନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଚାଷୀମାନେ ଯେଉଁ ରକମର ଚାଷ କରୁଛନ୍ତି ସେଗୁଡିକୁ ମାର୍କେଟିଙ୍ଗ ଓର୍ମାସ ପକ୍ଷରୁ କରାଯିବ। ଜିଲାରେ ଚାଷୀମାନେ କଦଳୀ, ନଡ଼ିଆ, କଞ୍ଚାଲଙ୍କା, ଟମାଟୋ, ମକା, ମାଣ୍ଡିଆ, ତୁଳା ସମେତ ବିଭିନ୍ନ ଚାଷ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଉଚିତ ସହଯୋଗ କରିବା ନିମନ୍ତେ ଜିଲାପାଳ ଉଭୟ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିଆଫୁଲ, ପଦ୍ମ, ଗୋଲାପ, ଅର୍କିଟ ଭଳି ବିଭିନ୍ନ ଫୁଲଚାଷ କିପରି ଲୋକମାନେ କରିପାରିବେ ଆଉ ଆର୍ଥିକ ଲାଭବାନ ହୋଇପାରିବ ସେଥିପାଇଁ ଗୁରୁତ୍ୱ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଜିଲାରେ ଅଧିକାରୀମାନେ ବିଭିନ୍ନ କ୍ଷେତ ପରିଦର୍ଶନ କରି ଚାଷୀମାନଙ୍କୁ ଉପଯୁକ୍ତ ଚାଷ କରିବା ନିମନ୍ତେ ସଚେତନତା କରିବାକୁ ସେ କହିଥିଲେ । ଅଧିକାଂଶ ବିଭାଗୀୟ ଅଧିକାରୀ ଆଲୋଚନା କରି ଫଟୋ ଗ୍ରୁପରେ ଛାଡିଦେଲେ ହେବ ନାହିଁ ଚାଷୀଙ୍କୁ ଠିକ୍ ଦିଗ ଦେଖେଇଲେ ଚାଷୀମାନେ ଉପକୃତ ହେଇପାରିବେ ବୋଲି ସେ କହିଥିଲେ। ଜିଲାର ସମସ୍ତ ଚାଷୀଙ୍କୁ ଉପଯୁକ୍ତ ସାର ଯୋଗାଇବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ସାମିଲ କରି ଋଣ ପ୍ରଦାନ କଲେ ଚାଷୀମାନେ ବିଭିନ୍ନ ରକମର ଚାଷ କାର୍ଯ୍ୟ କରି ଆଦାୟ ଫସଲଗୁଡିକ ବିଭିନ୍ନ ଅଞ୍ଚଳକୁ ରପ୍ତାନି କରିପାରିବେ । ଜିଲାର ଚାଷୀମାନଙ୍କ ହିତ ନିମନ୍ତେ ଛୋଟ ଛୋଟ ସୌର ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେବା ନିମନ୍ତେ ମଧ୍ୟ ଆଲୋଚନା ହୋଇଥିଲେ। ଫଳରେ ଅଞ୍ଚଳର ଚାଷୀମାନେ ନିଜ ଫସଲକୁ ଶୀତଳ ଭଣ୍ଡାରରେ ରଖିପାରିବେ । ଜିଲାରେ ରେଡ୍ ରାଇସ, ଜସ୍ମିନ ରାଇସ, ବ୍ଲକ ରାଇସ ଓ କଳାଜିରା ରାଇସର ଚାଷ ଅଧିକ ଚାଷୀ ଆଧୁନିକ ଶୈଳୀରେ କରିବେ । ଯାହା ବିଦେଶୀ ରପ୍ତାନି ହେଲେ ଚାଷୀ ଅଧିକ ଆର୍ଥିକ ଲାଭବାନ ହୋଇପାରିବେ ବୋଲି ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଖାଲି ଚାଷୀ ବିଭିନ୍ନ ଚାଷ କଲେ ହେବନି ତାହାକୁ ଠିକ ଭାବେ ମାର୍କେଟିଙ୍ଗ କରିବା ଉପରେ ଜିଲାପାଳ ଗୁରତ୍ୱ ଦେଇଛନ୍ତି । ଜିଲାରେ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ୩୯୪ ଆବେଦନ ଆସିଥିବା ବେଳେ ସେଥିରୁ ୨୩୩ଟିର କାମ ଚାଲିଛି । ୪୦ ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ୨୦୨୨ରେ ମାତ୍ର ୩୪ ଆବେଦନ ଆସିଥିବା ବେଳେ ୫ର ମଞ୍ଜୁରୀ ମିଳିଥିବା ବେଳେ ୨ଟିର କାର୍ଯ୍ୟ ଶେଷ ହୋଇଛି । ଚଳିତ ବର୍ଷ ଆବେଦନ ସଂଖ୍ୟା କମିଯିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରିବା ସହ ପ୍ରତ୍ୟେକ ପଞ୍ଚାୟତରୁ ଆବେଦନ ସଂଖ୍ୟା ବୃଦ୍ଧି କରିବା ପାଇଁ ଜିଲାପାଳ କହିଥିଲେ । ଚଳିତ ବର୍ଷ ୨୦୨୨-୨୩ ବର୍ଷରେ ୬ ଲ ୨୫୨୪ଟି ଅନଲାଇନ ମାଧ୍ୟମରେ ଆବେଦନ କରାଯାଇଛି । ୮ କୋଟି ୧୫ ଲକ୍ଷ ୩୩ ହଜାର ୯୫୮ ଟଙ୍କା ଚାଷୀମାନେ ଏ ବାବଦରେ ପୈଠ କରିଛନ୍ତି । ଚାଷୀର ଫସଲ ନଷ୍ଟ ହେଲେ ୭୨ ଘଣ୍ଟା ମାଧ୍ୟମରେ ବୀମା କମ୍ପାନୀ କ୍ଷେତ ପରିଦର୍ଶନ କରିବାକୁ କୁହାଯାଇଛି । ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ୱ. କୀର୍ତ୍ତି ଭାସନ, ଜିଲା ମୁଖ୍ୟ କୃଷି ଅଧିକାରୀ ଦିଲୀପ କୁମାର ଖୁଣ୍ଟିଆ, ଉଦ୍ୟାନ ବିଭାଗର ମୁଖ୍ୟ ଶରତ ବେହେରା, କୃଷି ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାସ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସୁସ୍ମିତା ମହାନ୍ତି, ଏଡିଓ (ଦିଗପହଣ୍ଡି)ନିରଞ୍ଜନ ମହାପାତ୍ରଙ୍କ ସମେତ କୃଷି ଓ ଉଦ୍ୟାନ ବିଭାଗର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରମାଣ ଅଭାବରୁ ୪ ଅଭିଯୁକ୍ତ ନିର୍ଦ୍ଦୋଷ

## ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର ଅଫିସ,୩।୯

ଗଞ୍ଜାମ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ସିଜେଏମ୍) ଶନିବାର ଏକ ହତ୍ୟା ଉଦ୍ୟମ ମାମଲାର ୧୨ ବର୍ଷ ପରେ ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ତୋତଡାପଲ୍ଲୀ ଗ୍ରାମର କେ. ତ୍ରିନାଥ, କେ. ମାଦା, କେ. ବାଲାଜୀ ଓ କେ. ବଡ।

ପ୍ରକାଶ ଯେ, ତୋତଡାପଲ୍ଲୀର ଜି. ତନ୍ମୟ ୨୦୧୦ ଅଗଷ୍ଟ ୩୧ ପୂର୍ବାହ୍ନ ୧୧ଟାରେ ବାଇକ୍‌ରେ ନିଷ୍ଟ କଲେଜରୁ ଘରକୁ ଫେରୁଥିଲେ। ଗୋଳନ୍ଥରା ନିକଟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଖଣ୍ଡା ଓ କାତିରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏପରିକି ଜି.ଲାଛେୟା ଓ ଜି. ସନ୍ନ୍ୟାସୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ଏନେଇ ନମ୍ବର ୧୪୩/୧୦ରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ଉକ୍ତ ମାମଲାର ବିଚାର ବେଳେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୮ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ସିଜେଏମ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସରିତା ପଟ୍ଟନାୟକ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ଔଷଧ ଦୋକାନରୁ ଚୋରି



ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି ।

ବ୍ରହ୍ମପୁର ଅଫିସ,୩।୯

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ଶୋଭମ୍ ମେଡିକାଲ ଷ୍ଟୋରରୁ ଚୋରି ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଲୁଟେରା ଗ୍ୟାଙ୍ଗ ଶଟର ଭାଙ୍ଗି କ୍ୟାଶ କାଉଣ୍ଟରରେ ଥିବା ୧୫ ହଜାର ଟଙ୍କା, ଗୋଟିଏ ମୋବାଇଲ ଓ କେତେକ ଦାମୀ ଔଷଧ ଚୋରି କରି ନେଇଥିବା ମାଲିକଙ୍କ ଶଳା ଶିଶିର ଦାସ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରୁଛି। ଅନ୍ୟପଟେ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ଯାଞ୍ଚ କରୁଛି। ଘଟଣା ସ୍ଥଳରେ ଛାଡି ଯାଇଥିବା ଏକ ଶାବଳ ପୋଲିସ ଜବତ କରିଛି।

# ଦେଶୀ ମହୁଲି ମଦ ବିକ୍ରିକୁ ବିରୋଧ କରି ତାତିଲେ ମହିଳା



ମଦ ବିରୋଧରେ ଏକାଠି ହୋଇଥିବା ମହିଳାମାନେ ।

କୋଟଗଡ, ୩।୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ କୁଟିକିଆ ପଞ୍ଚାୟତରେ ଦେଶୀ ମହୁଲି ମଦ ବିକ୍ରି ଓ ତିଆରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପଞ୍ଚାୟତର ଶହ ଶହ ମହିଳା ଓ ବୃଦ୍ଧିଜୀବୀ। କୁଟିକିଆ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଦେଶୀ ମହୁଲି ମଦ ବିକ୍ରି ଦ୍ୱାରା ଝିଅ,ବୋହୂମାନେ ଘରୁ ବାହାରକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି, ପୁରୁଷମାନେ ମଦ ପିଇବା ଦ୍ୱାରା ଘରେ ଅଶାନ୍ତି ସୃଷ୍ଟି କରିବା ସହିତ ମହିଳାମାନଙ୍କୁ ନିଶାସକ୍ତ ଅବସ୍ଥାରେ ମାରଧର କରୁଛନ୍ତି। ଦେଶୀ ମହୁଲି ମଦ ନିଶାରେ ଗ୍ରାମରେ ଅଶାନ୍ତି କରିବା ସହିତ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ସରପଞ୍ଚ ଓ ବୃଦ୍ଧିଜୀବୀ।

ଯେଉଁମାନେ ପଞ୍ଚାୟତରେ ଦେଶୀ ମହୁଲି ମଦ ବିକ୍ରି କରୁଛନ୍ତି ସେମାନଙ୍କୁ ସରପଞ୍ଚ ଓ ସ୍ଥାନୀୟ ଜନସାଧାରଣ ତାଗିଦ କରିବାରୁ ମଦ ବ୍ୟବସାୟୀମାନେ ସେମାନଙ୍କ ନାମରେ ନିଆଁ, ପାଣି, ତୁଠ ଓ ବଜାର ବନ୍ଦ କରୁଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଅଭିଯୋଗ ଭିତ୍ତିହୀନ, ମିଥ୍ୟା ମନଗଢା ବୋଲି ସରପଞ୍ଚ ଓ ପଞ୍ଚାୟତବାସୀ କହିଛନ୍ତି। ଏହା ବିରୋଧରେ ଶହ ଶହ ମହିଳା, ପୁରୁଷ ଓ ବୃଦ୍ଧିଜୀବୀ ବାଲିଗୁଡା ଥାନାର ଦ୍ୱାରସ୍ଥ ହୋଇ ଶନିବାର ଦାବିପତ୍ର ଦେବା ସହିତ କୁଟିକିଆ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ ଅଞ୍ଚଳ କରାଯିବାକୁ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ କୁଟିକିଆ ପଞ୍ଚାୟତ ମଦମୁକ୍ତ ଅଞ୍ଚଳ ନ ହୁଏ ତା'ହେଲେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ସାପ କାମୁଡ଼ାରେ ଚାଷୀଙ୍କ ସମେତ ୨ ମୃତ

ବୁଗୁଡ଼ା/ଚିକିଟି,୩।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ସାପ କାମୁଡ଼ାରେ ଚାଷୀଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ଗ୍ରାମ ନୂଆସାହିର ସନ୍ତୋଷ କୁମାର ପୋଲାଇ ଓ ଚିକିଟି ବ୍ଲକ ଅନ୍ତର୍ଗତ କୁଟୀଲିଙ୍ଗି ଗ୍ରାମର ଚାଷୀ ଏ. ଜାନକୀ ରାଓ। ଶନିବାର ସନ୍ତୋଷ ବିଲରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ. ୨୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ସେହିପରି ଶୁକ୍ରବାର ଅପରାହ୍ନରେ ଜାନକୀ ନିଜ ଜମିକୁ ଯାଇଥିଲା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରଙ୍କୁ ହସ୍ତାନ୍ତର କରିଥିଲା।

# ବାସ୍କେଟ ବଲ ଚୟନ ଶିବିର ଆଜି

## ୮ରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୩।୯

ଆସନ୍ତା ୮ତାରିଖରୁ ୧୪ ଯାଏ କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ରାଜ୍ୟସ୍ତରୀୟ ସବ୍‌ଜୁନିୟର ବାସ୍କେଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଜିଲାସ୍ତରୀୟ ସବ୍ ଜୁନିୟର ବାଳିକା ଓ ବାଳକ ଚୟନ ଶିବିର ରବିବାର ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। କ୍ରୀଡ଼ାବିତ୍‌ମାନେ ଅପରାହ୍ନ ୪ଟାରେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ନିଜର ଜନ୍ମଗତ ପ୍ରମାଣପତ୍ର ସହ କୋଚ ପ୍ରଶାନ୍ତ କୁମାର ରାଉତଙ୍କୁ ସାକ୍ଷାତ କରି ନାମ ପଞ୍ଜୀକୃତ କରାଇପାରିବେ। ମନୋନୀତ ପ୍ରତିଯୋଗୀମାନେ ଆସନ୍ତା ୮ରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲାରୁ ପ୍ରତିନିଧିତ୍ୱ କରିପାରିବେ। ଜିଲା କ୍ରୀଡ଼ାସଂଘ ପକ୍ଷରୁ ବାସ୍କେଟବଲ ସଂଘର ଜି.ନାରାୟଣ ରାଓ, ସଞ୍ଜୟ କୁମାର ହୋତା ଓ ମିନାକ୍ଷୀ ନାୟକ ପ୍ରମୁଖ ଶିବିର ପରିଚାଳନାରହିବେ ବୋଲି ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଅଶୋକ ସାହୁ କହିଛନ୍ତି।

# ବିଦ୍ୟାଳୟରୁ ଚୋରି

ଚିକିଟି,୩।୯(ଡି.ଏନ.ଏ.)

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ଚିକିଟି ପେଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁ ଚିକିଟି ଫାଣ୍ଡିରେ ଲିଖିତ ଅଭିଯୋଗ ଜଣାଇବା ପରେ ପୋଲିସ ତଦନ୍ତ କରିଛି। କୌଣସି ବ୍ୟକ୍ତି ବିଦ୍ୟାଳୟର ପାଚେରି ଡେଇଁ ଅଫିସ ରୁମ ସମେତ ୩ଟି କୋଠରିର ତାଲା ଭାଙ୍ଗି ଆଲମାରୀ ଖୋଲି କାଗଜପତ୍ର ଏଣେ ତେଣେ ଫୋପାଡ଼ି ଦେବା ସହ ମଧ୍ୟାହ୍ନ ଭୋଜନ ରନ୍ଧା ହେଉଥିବା ଏକ ବଡ଼ ହଣ୍ଡା ଏବଂ ଚୁଆ ନେଇ ଯାଇଛନ୍ତି।

# ଆଇକ୍ୟୁଏସି ସେଲ୍‌ର କାର୍ଯ୍ୟକ୍ରମ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶୀର୍ଷକ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୩।୯

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ (ଆଇକ୍ୟୁଏସି) ପକ୍ଷରୁ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅବସରରେ ଶନିବାର ୭୫ ବର୍ଷରେ ଇଲେକ୍ଟ୍ରୋନିକ୍ସ ଟ୍ରାନ୍‌ଜିକ୍ଟ ଓ ଏହାର ଉପଯୋଗିତା, ଉପକାରିତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସେଲ୍ ସଂଯୋଜିକା ପ୍ରଫେସର ଡ.ଇତିଶ୍ରୀ ଗୀତା କୁମାରୀ ଦାସ ସଂଯୋଜନା ଓ ପରିଚାଳନା କରିଥିଲେ। ଗୃହ ବିଜ୍ଞନ ବିଭାଗ ପ୍ରଫେସର ଡ.ପୁଷ୍ପାଞ୍ଜଳି ସାମନ୍ତରାୟ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତାଭାବେ କମ୍ପ୍ୟୁଟର ସାଇନ୍ସ ବିଭାଗର ଡ.ମାନସ ରଞ୍ଜନ ପାତ୍ର ଯୋଗଦେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖବକ୍ତା ଡ.ପାତ୍ର ଇଲେକ୍ଟ୍ରୋନିକ୍ସ ଟ୍ରାନ୍‌ଜିଟ ଉଦ୍ଭାବନ ପରଠାରୁ ଦୀର୍ଘ ୭୫ ବର୍ଷ ଧରି ଏହାର ଉପଯୋଗିତା, ଉପକାରିତା ଏବଂ ସମୟ ସହ ନୂତନ ଆଡ୍‌ଭାନ୍ସ ଟେକ୍ନୋଲୋଜି ଦ୍ୱାରା ପ୍ରଭାବିତ ହୋଇ କିପରି ଏହା ଲୋକଙ୍କ କାମରେ ଆସିପାରିଛି ସେ ବିଷୟରେ କହିଥିଲେ। ଏହା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହା ଉପରେ କରାଯାଉଥିବା ଗବେଷଣା ସମ୍ପର୍କରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ସମସ୍ତ ବିଭାଗର ଅଧାପିକା ଅଧାପକ ଓ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଏନ୍‌ଡିଏ ଶାସନରେ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ

■ସିପିଆଇ ଗଞ୍ଜାମ ଜିଲା ସମ୍ମିଳନୀରେ ଅଭିଯୋଗ

■ବାମ ଦଳ, ଗଣତାନ୍ତ୍ରିକ ଶକ୍ତି ଏକାଠି ସଂଗ୍ରାମ କରିବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ,୩।୯



ସମ୍ମିଳନୀରେ ମଞ୍ଚାସୀନ ସିପିଆଇ ନେତା ।

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ସରକାର ଶାସନରେ ଦେଶରେ ଜନ ବିରୋଧୀ ନୀତି ଓ ସାମ୍ପ୍ରଦାୟିକ ବିଦ୍ୱେଷ ବଢ଼ି ଚାଲିଛି। କର୍ପୋରେଟ ହାଉସ ପ୍ରତି ଅଧିକ ଅନୁକମ୍ପା ଦିଆଯାଉଥିବାରୁ ସେମାନଙ୍କ ସମ୍ପତ୍ତି ବୃଦ୍ଧି ପାଇବାରେ ଲାଗିଛି। ମୋଦି ସରକାରଙ୍କୁ ହଟାଇବା ପାଇଁ ବାମ ଓ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଶକ୍ତିଗୁଡ଼ିକ ମିଳିତ ସଂଗ୍ରାମ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ବ୍ରହ୍ମପୁରରେ ଅନୁଷ୍ଠିତ ସିପିଆଇର ଦୁଇଦିନିଆ ୨୩ତମ ଗଞ୍ଜାମ ଜିଲା ସମ୍ମିଳନୀ ଶନିବାର ଉଦ୍‌ଘାଟନ ଅବସରରେ ଏହି ଆହ୍ୱାନ ଦିଆଯାଇଛି।

ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ସମ୍ମିଳନୀକୁ ଉଦ୍‌ଘାଟନ କରି ଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ନେଇ ଆଲୋକପାତ କରିଥିଲେ। ଗୈରିକ ଦଳ ଶାସନରେ ଅର୍ଥନୈତିକ ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରିଥିଲେ। ସମ୍ପ୍ରତି ଚାଲିଥିବା ଫାଶିବାଦୀ ଶକ୍ତିକୁ ବିତାଡ଼ିତ କରିବା ନିମନ୍ତେ ବିରୋଧୀ ଦଳ ଗୁଡ଼ିକ ବିଫଳ ହୋଇଥିବାର ମଧ୍ୟ କାନୁନଗୋ କଟାକ୍ଷ କରିଥିଲେ। ଅପରାହ୍ନ ଅଧିବେଶନରେ ରାଜ୍ୟର ଚଳନ୍ତି ରାଜନୀତି ନେଇ ଆଲୋଚନା ହୋଇଥିଲା। ବରିଷ୍ଠ ନେତା ରାମକୃଷ୍ଣ ପଣ୍ଡା, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଓ ଅନ୍ୟମାନେ ମତ ରଖିଥିଲେ।

ପ୍ରକାଶମ୍ ହଲର ବୃନ୍ଦାବନ ପୋଲେଇ ମଣ୍ଡପରେ ଆୟୋଜିତ ସମ୍ମିଳନୀରେ ଜିଲାର ବିଭିନ୍ନ ଜୋନ୍‌ରୁ ୨ ଶତାଧିକ କର୍ମୀ ପ୍ରତିନିଧି ଭାବେ ଯୋଗ ଦେଇଥିଲେ। ରାଜୀବ ଲୋଚନ ପଣ୍ଡା, ଏମ୍.ରାଜଲକ୍ଷ୍ମୀ, ସୁଶାନ୍ତ ସ୍ୱାଇଁ ପ୍ରମୁଖଙ୍କୁ ନେଇ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ଯୋଗ ଦେଇଥିଲେ। ନୀଳକଣ୍ଠ ଦାସ, ଅଳକନାଥ ମିଶ୍ର ଓ ଅନ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଏହାର ଆଭିମୁଖ୍ୟ ନେଇ ଆଲୋକପାତ କରିଥିବା ବେଳେ ଅଭ୍ୟର୍ଥନା କମିଟି ଅଧକ୍ଷ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ପାଢୟୋଷୀ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଅଭ୍ୟର୍ଥନା କମିଟି ସମ୍ପାଦକ କାମଦେବ ନାହାକ, ଦଣ୍ଡପାଣି ସାମଲ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ନେତା ଗୋକୁଳ ପଣ୍ଡା ଲାଲ ପତାକା ଉତ୍ତୋଳନ କରିଥିଲେ। ସମ୍ମିଳନୀରେ ଉପସ୍ଥାପିତ ରାଜନୈତିକ ଚିଠା ପ୍ରସ୍ତାବରେ ଗଞ୍ଜାମ ଜିଲାର ସାମଗ୍ରୀକ ବିକାଶ ପାଇଁ ବ୍ୟାପକ ଗଣ ଆନ୍ଦୋଳନ ସୂତ୍ରପାତ କରିବାକୁ ଆହ୍ୱାନ ଦିଆଯାଇଛି। ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଆସିକା ସୂତାକଳକୁ କାର୍ଯ୍ୟକ୍ଷମ କରି ବୟନ ଶିଳ୍ପର ପ୍ରସାର, ରୁଗଣ ହୋଇଥିବା ସମବାୟ ଚିନି ଶିଳ୍ପର ସମ୍ପ୍ରସାରଣ, ଅଧିଗୃହୀତ ଜମିରେ ଟାଟା କମ୍ପାନୀ ଇସ୍ପାତ କାରଖାନା ପ୍ରତିଷ୍ଠା, କୃଷିଜାତ ପଦାର୍ଥର ସଂରକ୍ଷିତ ଲାଗି ବିଭିନ୍ନ ସ୍ଥାନରେ ଶୀତଳ ଭଣ୍ଡାର ନିର୍ମାଣ। ଏଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଅତୀତରେ ଜିଲାର କମ୍ୟୁନିଷ୍ଟ ପାର୍ଟି ସଂଗଠନ ସୁଦୃଢ଼ ଥିଲା। ପୂର୍ବ ସ୍ଥିତି ଫେରାଇ ଆଣିବାକୁ ପ୍ରୟାସ କରିବା ପାଇଁ ସମବେତ କ୍ୟାଡରମାନଙ୍କୁ ଆହ୍ୱାନ ଦିଆଯାଇଥିଲା।

## ସଂକ୍ଷେପରେ

### ଗଣେଶ ପୂଜା ଲଡ୍ଡୁ ନିଲାମ



କାଶୀନଗର,୩।୯:ଦକ୍ଷିଣାଞ୍ଚଳ କାଶୀନଗର ଗଣେଶ ପୂଜା ନିମନ୍ତେ ପ୍ରସିଦ୍ଧ ଅଟେ। ଏଠାରେ ତିନି ଦିନ ଧରି ପୂଜା କରାଯାଇଥାଏ। ଏଠାରେ ଗଣେଶଙ୍କ ନିକଟରେ ପୂଜା ପାଇଁ ପ୍ରସ୍ତୁତ ଲଡ୍ଡୁକୁ ନିଲାମ କରାଯାଇଥାଏ। ଚଳିତ ବର୍ଷ ଷ୍ଟେଟ ବ୍ୟାଙ୍କ ଛକ ଠାରେ ଗଣେଶ ପୂଜାର ଲଡୁ ୧୨ ହଜାର ଟଙ୍କାରେ ମାନିନୀ ବେହେରା, ଫରେଷ୍ଟ ଛକରେ ୨୫ହଜାର ଟଙ୍କାରେ ଲଡୁ ନିଲାମ ହୋଇଥିଲା ବେଳେ ଏହାକୁ ତିପୁରୁ ଶ୍ରୀନୁ ନେଇଥିଲେ।

### ବଂଶଧାରା ନଦୀରେ ବୁଡ଼ି ମହିଳା ମୃତ

କାଶୀନଗର,୩।୯: କାଶୀନଗର ଥାନା ଖାଣ୍ଡବା ପଞ୍ଚାୟତ ପାଲସିଂଠାରେ ବଂଶଧାରା ନଦୀରେ ବୁଡ଼ି ଯାଇ ଟୁନି ବେହେରା (୩୭)ଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ ମହିଳାଙ୍କୁ ଉଦ୍ଧାର କରିଥିଲା। ଏ ନେଇ କାଶୀନଗର ଥାନାରେ ନଂ. ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଘଟଣାସ୍ଥଳକୁ ସ୍ଥାନୀୟ ଅତିରିକ୍ତ ତହସିଲଦାର କୁମୁଦ ରଞ୍ଜନ ଦଳବେହେରା ଯାଇ ଉଦ୍ଧାର କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ।

### ଏମ୍.ଭାଲିଆସାହିରେ ସ୍ୱଚ୍ଛତା ଦିବସ

ଆର.ଉଦୟଗିରି,୩।୯(ଡି.ଏନ.ଏ.): ସରକାରୀ ଉଚ୍ଚ ବିଦ୍ୟାଳୟ କେ.ଏମ୍ ଭାଲିଆସାହିରେ ସ୍ୱଚ୍ଛତା ପକ୍ଷର ଦ୍ୱିତୀୟ ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଶପଥ ପାଠ କରାଯାଇଥିଲା। ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ପରିସର ସଫେଇ କରିଥିଲେ।

### ରାମଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ରାମଗିରି,୩।୯(ଡି.ଏନ.ଏ.):ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଚଳିତ ମାସ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁରହିବ। ଉତ୍ତମ ଅଂଶଗ୍ରହଣ ଓ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଶେଷ ଦିବସରେ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଗୌଡ଼ ପରିଚାଳନା କରିଥିଲେ। ସେହିପରି ମଙ୍ଗରାଜପୁରସ୍ଥିତ ହାଇସ୍କୁଲରେ ମଧ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ଦୁର୍ଗା ମାଧବ ଲେଙ୍କା ପରିଚାଳନା କରିଥିଲେ।

### ୧.୨୦ କୁଇଣ୍ଟାଲ ଗଞ୍ଜେଇ ଜବତ

ଫୁଲବାଣୀ ଅଫିସ, ୩।୯-ଗୋଚ୍ଛାପଡା ଥାନା ପୋଲିସ କଟ୍ରିଙ୍ଗିଆ ମେଡିକାଲ ଛକରେ ଚଢ଼ାଉ କରି ଏକ କାରରୁ ୧ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗି ଗ୍ରାମର ଅମରେଶ ସୁବୁଦ୍ଧି। ଅମରେଶ ସ୍ଥାନୀୟ ଅମଲାପଡ଼ାରେ ରହୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ନଂ.୧୦୯/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି।

### ଗଣେଶ ମେଢ଼ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ

ଫୁଲବାଣୀ ଅଫିସ, ୩।୯-ଫୁଲବାଣୀ ବ୍ଲକ ରାମାଡି ଗ୍ରାମ ଗଣେଶ ମେଢ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟିଛି। ଶୁକ୍ରବାର ରାତିରେ ଦଡକି ଛକରେ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଗଣ୍ଡଗୋଳରେ ସାମିଲ ଥିବା ଯୁବକମାନଙ୍କୁ ଗିରଫ ଦାବିରେ ଦଡକି ଛକରେ ଶନିବାର ଗ୍ରାମବାସୀ ରାସ୍ତାରୋକ କରିଛନ୍ତି। ଫୁଲବାଣୀ ସଦର ଥାନାଧିକାରୀ ସମୀର କୁମାର ରାଉତ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଗଣ୍ଡଗୋଳକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ। ସୂଚନା ଅନୁସାରେ ରାମାଡି ଗ୍ରାମର ଯୁବକମାନେ ଗଣେଶ ଭସାଣିରେ ଯାଉଥିଲେ। ଦଡକି ଛକରେ ଦଡକିର କିଛି ଯୁବକ ରାମାଡିର ଯୁବକମାନଙ୍କୁ ମାଡ଼ ମାରିବା ସହିତ ଛୁରିରେ ଆଘାତ କରିଥିଲେ।

# ରାଜ୍ୟରେ ସର୍ବାଧିକ ଦୁର୍ଘଟଣା ଗଞ୍ଜାମରେ

- ୧୭୨ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ
- ବିନା ହେଲମେଟରେ ଧରାପଡିଛନ୍ତି ୭୭୮
- ଚାଲିଥିଲା ୧୫ ଦିନିଆ ସ୍ୱତନ୍ତ୍ର ଅଭିଯାନ

ଛତ୍ରପୁର ୩।୯(ଡି.ଏନ.ଏ.)

ଅଗଷ୍ଟ ୧୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଗଞ୍ଜାମ ଜିଲ୍ଲା ରେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ରେ ହେଲମେଟ ଯାଂଚ କଡାକଡି କରାଯାଇଥିଲା । ବେପାରୁଆ ଗାଡି ଚାଳନା ପାଇଁ ଦୈନିଦିନ ବହୁ ମାତ୍ରାରେ ସଡକ ଦୁର୍ଘଟଣାରେ ଲୋକଙ୍କ ମୃତ୍ୟୁ ଘଟୁଛି। ବିଶେଷ କରି ବହୁ ଲୋକ ଦୁଇ ଚକିଆ ଚାଳକମାନେ ବିନା ହେଲମେଟରେ ଗାଡି ଚଳାଉଥିବା ଯୋଗୁଁ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥାନ୍ତି । ଏହି ବଢୁଥିବା ସଡକ ଦୁର୍ଘଟଣା ଏବଂ ଦୁର୍ଘଟଣା ଜନିତ ମୃତ୍ୟୁକୁ ରୋକିବା ଲାଗି ରାଜ୍ୟ ପରିବହନ କର୍ତୃପକ୍ଷ(ଏସଟିଏ) ସ୍ୱତନ୍ତ୍ର ହେଲମେଟ ଯାଂଚ କରିବାକୁ ରାଜ୍ୟର ସମସ୍ତ ଜିଲାର ଆରଟିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଏବଂ ରାଜ୍ୟ ରାଜପଥରେ ଏହି ସ୍ୱତନ୍ତ୍ର ଅଭିଯାନ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ କଡାକଡି ଯାଂଚ କରାଯାଇଥିଲା। ଆରଟିଓ ମାନସ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇ ଦୁଇ ଚକିଆ ଗାଡିର ଯାଂଚ କରାଯାଇଥିଲା । ଗୋଟିଏ ବାଇକରେ ୩ଜଣ ବସି ଜାତୀୟ ରାଜପଥରେ ୫୪ ଜଣ ଚଳାଉଥିବା ବେଳେ ଧରାପଡିଛନ୍ତି। ସେମାନଙ୍କ ନିକଟରୁ ଜୋରିମାନା ଆଦାୟ କରାଯାଇଛି। ସେହିପରି ୬ଜଣ ରାଜ୍ୟ ରାଜପଥରେ ଧରାପଡିଛନ୍ତି । ବିନା ହେଲମେଟରେ ୬୭୫ ଜଣ ଜାତୀୟ ରାଜପଥରେ ଗାଡି ଚଳାଉଥିବା ବେଳେ ରାଜ୍ୟ ରାଜପଥରେ ୧୦୩ଜଣ ଏହିଯାଂଚ ବେଳେ ଧରାପଡିଛନ୍ତି । ସମୁଦାୟ ୭୭୮ ଜଣ ଗାଡି ଚାଳକ ବିନା ହେଲମେଟରେ ଗାଡି ଚଳାଉଥିବା ବେଳେ ଧରାପଡିଛନ୍ତି । ୧୭୨ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି । ୪୭ଟି ଗାଡିକୁ ଜବତ କରାଯାଇଥିବା ବେଳେ ପରବର୍ତୀ ସମୟରେ ସେମାନେ ଜୋରିମାନା ଦେଇଥିଲେ । ଏହି ୧୫ ଦିନ ମଧ୍ୟରେ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ବେଆଇନ ଗାଡି ଚାଳନା ପାଇଁ ୨ ଲକ୍ଷ ୯ହଜାର ଟଙ୍କା ର ଜରିମାନା ଆଦାୟ କରାଯାଇଛି ବୋଲି ଆରଟିଓ କହିଛନ୍ତି । ଓଡିଶାରେ ପ୍ରତ୍ୟେକ ଦିନ ସଡକ ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ହେଉଛି । ଯାହାକି ବିନା ହେଲମେଟରେ ଗାଡି ଚାଳନା କରୁଥିବା ବ୍ୟକ୍ତି ଏହି ମୃତ୍ୟୁର କାରଣ ହୋଇଥାଏ । ଏହାକୁ ରୋକିବା ଉଦେଶ୍ୟରେ ଏହି ସବୁ ଧରପଗଡ କରାଯିବା ସହ ସଚେତନତା କରାଯାଇଥାଏ । ଏପରିକି ଓଡିଶାରେ ସବୁ ଜିଲା ଅପେକ୍ଷା ଗଞ୍ଜାମ ଜିଲ୍ଲାରେ ସଡକ ଦୁର୍ଘଟଣା ହାର ଅହେତୁକ ଭାବେ ଦୁର୍ଘଟଣା ବୃଦ୍ଧି ପାଇଛି । ସୂଚନା ଥାଉକି ଗଞ୍ଜାମ ଜିଲାରେ ୫ ବର୍ଷ ମଧ୍ୟରେ ଦୁଇ ହଜାରରୁ ଉର୍ଦ୍ଧ ବ୍ୟକ୍ତି ସଡକ ଦୁର୍ଘଟଣାରେ ମୃତ୍ୟୁ କରିଛନ୍ତି । ଜିଲାରେ ୨୦୧୯ ବର୍ଷରେ ୭୩୩ ଟି ସଡକ ଦୁର୍ଘଟଣା ହୋଇଥିବା ବେଳେ ୩୮୫ ଜଣଙ୍କ ମୃତ୍ୟୁ ଏଥିରେ ହୋଇଛି । ୨୦୨୦ ରେ ୬୧୬ ଟି ଦୁର୍ଘଟଣା ହୋଇଥିବା ବେଳେ ସେଥିରେ ୩୬୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଚଳିତ ବର୍ଷର ଜୁନ ଶେଷ ସୁଦ୍ଧା ୩୫୪ ଟି ଦୁର୍ଘଟଣା ଘଟି ୧୮୬ ଜଣଙ୍କ ମୃତ୍ୟୁ ଘଟିଛି । ଏହା ସହିତ ୨୬୨ ଜଣ ଗୁରୁତର ଆହାତ ହୋଇଛନ୍ତି ।

## ଗଣେଶ ବିସର୍ଜନ ବେଳେ ଋଷିକୁଲ୍ୟାରେ ବୁଡ଼ି ଯୁବକ ମୃତ

ପୁରୁଷୋତ୍ତମପୁର,୩।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅଲାଡ଼ି ଗାଁରେ ଶୁକ୍ରବାର ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇଥିବା ବେଳେ ଋଷିକୁଲ୍ୟା ନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଲାଡ଼ି ଗାଁର ଗଣେଶ ମିଶ୍ରଙ୍କ ପୁଅ ରାକେଶ (୧୯)। ରାକେଶ ସାଙ୍ଗମାନଙ୍କ ସହ ମିଶି ଶୁକ୍ରବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଯାଇ ମେଢ଼ ବିସର୍ଜନ କରିଥିଲେ। ଏହି ସମୟରେ ସମସ୍ତେ ଫେରିଥିବା ବେଳେ ରାକେଶ ଫେରିନଥିଲେ। ସାଙ୍ଗମାନେ ନଦୀକୁ ଯାଇ ଖୋଜିବା ବେଳକୁ ତାଙ୍କୁ ପାଣିରେ ଭାସୁଥିବାର ଦେଖିଥିଲେ। ସେଠାରୁ ରାକେଶଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏଏସ୍ଆଇ ସିଦ୍ଧେଶ୍ୱର ରଣବୀର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି।

## ହାଇକୋର୍ଟ ବିଚାରପତିଙ୍କ ଫୁଲବାଣୀ କୋର୍ଟ ପରିଦର୍ଶନ




ହାଇକୋର୍ଟ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ସ୍ୱାଗତ କରାଯାଉଛି ।

ଫୁଲବାଣୀ ଅଫିସ, ୩।୯

କନ୍ଧମାଳ ଜିଲା ଦାୟିତ୍ୱରେ ଥିବା ହାଇକୋର୍ଟ ବିଚାରପତି ମୃଗାଙ୍କ ଶେଖର ସାହୁ ଶନିବାର ଫୁଲବାଣୀର ସମସ୍ତ କୋର୍ଟ ପରିଦର୍ଶନ କରିଛନ୍ତି । କୋର୍ଟ ବୁଲିଲା ବେଳେ ସାକ୍ଷୀ ଗ୍ରହଣ କିପରି ହେଉଛି ତାହାର ଅନୁଧ୍ୟାନ କରିଛନ୍ତି । ପରେ ଫୁଲବାଣୀ ବାର ଆସୋସିଏଶନକୁ ଯାଇ ଆଇନଜୀବୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବାର ଆସୋସିଏଶନ ପକ୍ଷରୁ କୋର୍ଟରେ କମ୍ ସଂଖ୍ୟକ କର୍ମଚାରୀ ଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା କହିବା ସହ ପଦବୀ ବୃଦ୍ଧି କରିବାକୁ ନିବେଦନ କରିଥିଲେ। ଏଥିସହ ନୂତନ କୋର୍ଟ ବିଲଡିଂ ଆରମ୍ଭ କରିବାକୁ ବିଚାରପତିଙ୍କ ପାଖରେ ଦାବି ରଖିଥିଲେ। ସେହିପରି ଜି.ଉଦୟଗିରି ବାର ଆସୋସିଏଶନ ସଦସ୍ୟମାନେ ବିଚାରପତିଙ୍କୁ ଭେଟି ସେଠାରେ ଏକ ସବ୍‌ଜଜ୍ କୋର୍ଟ ସ୍ଥାପନ କରିବାକୁ ଦାବି କରିଥିଲେ। ଆଲୋଚନା କାଳରେ ସମସ୍ତ ଦାବି ଯଥାର୍ଥ ବୋଲି ବିଚାପତି ପ୍ରକାଶ କରିଥିଲେ। ଏହି ଅବସରରେ ବିଚାପତିଙ୍କ ସହ ବାର ଆସୋସିଏଶନ ସଭାପତି ବିଜୟ କୁମାର ମହାନ୍ତି, ସରକାରୀ ଆଇନଜୀବୀ ବିଶ୍ୱଜିତ୍ ପଟ୍ଟନାୟକ, ସ୍ୱତନ୍ତ୍ର ପିପି ବିଜୟକୃଷ୍ଣ ପଟ୍ଟନାୟକ, ଅତିରିକ୍ତ ପିପି ଶିବ ପ୍ରସାଦ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ମିଶ୍ର, ବଂଶୀଧର ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଣେଶ ପୂଜାରେ ପ୍ରତିଦିନ ୧୦୦୮ ଦୀପ ପ୍ରଜ୍ୱଳନ

ରମ୍ଭା,୩।୯

ଗଣେଶ ଚତୁର୍ଥୀ ଅବସରରେ ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ ଏବଂ ସାହି ବସ୍ତିରେ ଝିଲମିଲ ଆଲୋକ ଝଲସୁଛି। ମଣ୍ଡପରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୦୦୮ ଦୀପ ପ୍ରଜ୍ୱଳନ କରାଯାଉଛି। ରମ୍ଭା ମହିଳା ମାରୱାଡି ମଞ୍ଚ ପକ୍ଷରୁ ୧୦ ବର୍ଷରୁ କମ ଛାତ୍ରୀଛାତ୍ରଙ୍କୁ ଅବସରପ୍ରାପ୍ତ ଅଧ୍ୟାପକ ବିଜୟା ନନ୍ଦ ମହାପାତ୍ରଙ୍କ ଦ୍ୱାରା ପୁସ୍ତକ, କଲମ, ପେନସିଲ, ରବର ଓ ଆନୁସଙ୍ଗିକ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟକର୍ତ୍ତା ଜଗା ସେଠି, ଆଶା ବଜାଜ, ଗୀତା ପଟ୍ଟନାୟକ, ପ୍ରଶାନ୍ତ ସେଠି, କୃଷ୍ଣଚନ୍ଦ୍ର ମନ୍ତ୍ରୀ, କାହ୍ନୁ ମହାପାତ୍ର, ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ, କ୍ଷେତ୍ରମୋହନ ବେହେରା ମୁଖ୍ୟ ବରିଷ୍ଠ କାର୍ଯ୍ୟକାରିଣୀ ଭାବେ ଯୋଗଦେଇଥିଲେ। ଏଥିରେ ସାଲୁ, କୁଲୁ, ନନ୍ଦନ, ଆଦିତ୍ୟ, ପପୁ, ଜୀବନ, ଦୀପକ, ରତିକାନ୍ତ, ସୁଇମ, ସନ୍ଦୀପ, ଟିକୁ, ସୁରେନ୍ଦ୍ର, ଭାଗିରଥି, ଶିବ ମହାରଣା ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ କବାଡ଼ି ପ୍ରତିଯୋଗିତା



କବାଡି ପ୍ରତିଯୋଗିତାରେ ଯୋଗଦେଇଥିବା ଖେଳାଳିମାନେ ।

ପାତ୍ରପୁର,୩।୯(ଡି.ଏନ.ଏ.)

ପାତ୍ରପୁର ବ୍ଲକ ସୁରଙ୍ଗୀ ନବୋଦୟ ବିଦ୍ୟାଳୟରେ ଗତ ଦୁଇ ଦିନ ହେଲା ଅନୁଷ୍ଠିତ ହେଉଥିବା କ୍ଲଷ୍ଟର ସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ଅଧକ୍ଷ ଅଭିମନ୍ୟୁ ଭଞ୍ଜ ଉଦ୍‌ଘାଟନ କରିଥିବା ବେଳେ ଜିଲା ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ସୀମାଞ୍ଚଳ ବାରିକ ଉଦ୍‌ଯାପନୀ ଦିବସରେ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ରାଇଗଡ଼ା, ନବରଙ୍ଗପୁର, ଗଜପତି, କୋରାପୁଟ, ଗଞ୍ଜାମ ଓ ମାଲକାନଗିରି ଜିଲାରେ ଥିବା ନବୋଦୟ ବିଦ୍ୟାଳୟର ୧୧୨ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ବାଳିକା ବିଭାଗର ୩ ଦଳ ଓ ବାଳକ ବିଭାଗର ୩ ଦଳ ଚୟନ ହୋଇ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜଠାରେ ହେବାକୁ ଥିବା ରିଜିଓନାଲ ସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ। କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟକାନ୍ତ ଘଡ଼ାଇ ପରିଚାଳନା କରିଥିଲେ।

## ୧୦୭ ୟୁନିଟ ରକ୍ତ ସଂଗ୍ରହ

ଗଞ୍ଜାମ,୩।୯(ଡି.ଏନ.ଏ.)

ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ବାରିକି ସାହି ସାଂସ୍କୃତିକ ଗୃହଠାରେ ଗଣେଶ ପୂଜା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହେବା ସହ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡ୍ରାଇଭର ମହାସଂଘର ସଭାପତି ନରେନ୍ଦ୍ର ଚଣ୍ଡ ଓ ଉପସଭାପତି ଧରଣୀଧର ସାହୁଙ୍କ ସମେତ ୨୨ ଜଣ ଡ୍ରାଇଭର ରକ୍ତଦାନ କରିଥିଲେ। ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗ୍ରାସୀମ କମ୍ପାନୀ ଏଚ୍ଆର ମୁଖ୍ୟ ନିରଜ ପଟ୍ଟନାୟକ, ଡିଜିଏମ ରବିନ୍ଦ୍ର କୁମାର ମହାନ୍ତି, ମ୍ୟାନେଜର ପୁରୁଷୋତ୍ତମ ଶର୍ମା, ଗଞ୍ଜାମ



ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି ।

ଥାନାଧିକାରୀ ସୁଦିପ୍ତ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, କାଉନସିଲର ମହାଲକ୍ଷ୍ମୀ ନାୟକ, ପାଳିବନ୍ଧ ସରପଞ୍ଚ ସଂଯୁକ୍ତା ପ୍ରଧାନ, ବଡ଼ବଜାର ବଣିକ ସଂଘ ସଭାପତି ଗୌରୀଶଙ୍କର ବାରିକି, ପୂର୍ବତନ ସମିତିସଭ୍ୟ ଛାୟାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ଚାରା ଉପହାର ଦିଆଯାଇଥିଲା। ଅଜୟ କୁମାର ବାରିକି, ଜୟ ବାରିକି, ଲକ୍ଷ୍ମୀଚରଣ ପଲାଇ, ଦିଲିପ କୁମାର ବାରିକି, ପଙ୍କଜ ପଲାଇ, ମନୋଜ କୁମାର ବିଶ୍ୱାଳ, ଜିତେନ୍ଦ୍ର ପଲାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଲିଗଣ୍ଡା ସରପଞ୍ଚଙ୍କ ମିଥ୍ୟା ଜାତିଗତ ପ୍ରମାଣପତ୍ର ଅଭିଯୋଗ

ଆର.ଉଦୟଗିରି,୩।୯(ଡି.ଏନ୍.ଏ.)

ମୋହନା ବ୍ଲକ ଆଲିଗଣ୍ଡା ସରପଞ୍ଚ ବୈଜୟନ୍ତୀ ମଲ୍ଲିକଙ୍କ ଜାତିଗତ ପ୍ରମାଣପତ୍ର ମିଥ୍ୟା ବୋଲି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ମୋହନା ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ତଦନ୍ତ କରିଥିଲେ। ତଦନ୍ତ ପରେ ସେ ଅନୁସୂଚିତ ଜନଜାତି ବର୍ଗର ନୁହନ୍ତି ବୋଲି ଜଣାପଡ଼ିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନକୁ ଜଣାଇ ଦିଆଯିବ ବୋଲି ମୋହନା ତହସିଲଦାର କିଶୋର ଦାସ କହିଛନ୍ତି। ଏହି ଘଟଣାକୁ ନେଇ ଆଦିବାସୀ ଅଧିକାର ସୁରକ୍ଷା ମଞ୍ଚ ସରପଞ୍ଚଙ୍କୁ ବରଖାସ୍ତ କରିବାକୁ ଦାବି କରିଛି। ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନରେ ବୈଜୟନ୍ତୀ ଆଲିଗଣ୍ଡା ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସରପଞ୍ଚ ପଦବୀ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ତେବେ ବୈଜୟନ୍ତୀ ଅନୁସୂଚିତ ଜନଜାତି ବର୍ଗର ନୁହନ୍ତି ବୋଲି ଅଭିଯୋଗ କରିବା ସହ ତାଙ୍କର ଜାତିଗତ ପ୍ରମାଣପତ୍ର ଯାଞ୍ଚ କରି ତାଙ୍କୁ ସରପଞ୍ଚ ପଦବୀରୁ ବରଖାସ୍ତ କରିବାକୁ ଗତ ଏପ୍ରିଲ ୨୧ ତାରିଖରେ ମୋହନା ବିଡିଓ ଓ ତହସିଲଦାରଙ୍କଠାରେ ଆଦିବାସୀ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଥିଲା। ଏହି ଅଭିଯୋଗକୁ ଭିତ୍ତି କରି ତଦନ୍ତ ପାଇଁ ଅତିରିକ୍ତ ତହସିଲଦାରଙ୍କୁ ମୋହନା ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ସେ ଅନୁସୂଚିତ ଜନଜାତି ବର୍ଗର ନୁହନ୍ତି ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆଲିଗଣ୍ଡା ସରପଞ୍ଚଙ୍କୁ ନିଜ ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ଦାଖଲ ପାଇଁ ଦୁଇଥର ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ସରପଞ୍ଚ ପ୍ରମାଣ ଦେବାରେ ଅସମର୍ଥ ହୋଇଥିଲେ ବୋଲି ତହସିଲଦାର କହିଛନ୍ତି।

## ଗାଜିଆବାଦରେ ଚମକିଲା ବଡ଼କୋଦଣ୍ଡା କଣ୍ଢେଇ ନାଚ



କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଞ୍ଜନଗର, ୩।୯(ଡି.ଏନ୍.ଏ)

ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଶାଲିମାର ଗାର୍ଡେନ ଠାରେ ଓଡ଼ିଆ ସୋସାଇଟି କଳିଙ୍ଗାୟନ ପକ୍ଷରୁ ଗଣେଷ ପୂଜା ଅବସରରେ ବୁଧବାର ଓ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଂସ୍କୃତି ବିଭାଗ ତରଫରୁ ଗଞ୍ଜାମ ଜିଲା ବଡ଼କୋଦଣ୍ଡା ଗ୍ରାମର ପ୍ରସିଦ୍ଧ ଦୁର୍ଗା ମାଧବ କଣ୍ଢେଇ ଅପେରାର 'କର୍ଣ୍ଣ ବଧ' ନାଟକ ପରିବେଷଣ ହୋଇଥିଲା। କଳିଙ୍ଗାୟନ ସଭାପତି କୈଳାସ ଚନ୍ଦ୍ର ମିଶ୍ର ଏବଂ ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁଉଦ୍‌ଘାଟନ କରିଥିଲେ। ଲଡୁ କିଶୋର ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ରବି ନାରାୟଣ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ୧୨ଜଣ କଳାକାର ନାଟକ ପରିବେଷଣରେ ସାମିଲ ହୋଇଥିଲେ। ମୁଖ୍ୟ କଣ୍ଢେଇ ପରିଚାଳକ ଭାବେ ବିଭସ ସ୍ୱାଇଁ ଏବଂ ସହ ପରିଚାଳକ ସନ୍ତୋଷ ସାହୁ ଏବଂ ଅଶୋକ ସାହୁ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ଭାବେ ଉଦିତ ନାରାୟଣ ଦାଶ ଏବଂ ପ୍ରଣିତା ପାଢ଼ୀ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ବିପ୍ର ନାଇକ, ନିରଞ୍ଜନ ବେହେରା, ଟୁନା ନାଇକ ରହିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ରବି ନାରାୟଣ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିଜସ୍ୱ ଗୃହ ନାହିଁ, ମନ୍ଦିର ପିଣ୍ଡାରେ ଅଙ୍ଗନୱାଡି କେନ୍ଦ୍ର

ଧରାକୋଟ,୩।୯(ଡି.ଏନ୍.ଏ.)

କୋମଳମତି ଶିଶୁମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ସରକାର ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି। ତିନିରୁ ପାଞ୍ଚ ବର୍ଷ ବୟସର ପିଲାମାନଙ୍କର ଏହା ହେଉଛି ପ୍ରାକ ଶୈକ୍ଷିକ କେନ୍ଦ୍ର । ଏଣୁ ଅଭିଭାବକମାନେ ବହୁ ଆଶା ଓ ଭରସା କରି କେନ୍ଦ୍ରକୁ ନିଜ ପିଲାଙ୍କୁ ପଠାନ୍ତି । ହେଲେ ନିଜସ୍ୱ ଗୃହ ବଦଳରେ ମନ୍ଦିର ପିଣ୍ଡାରେ ବସି ପିଲା ପାଠ ପଢୁଛନ୍ତି। ଗଛ ତଳେ ଅବା ମନ୍ଦିର ରୋଷଶାଳା ବାରଣ୍ଡାରେ ଖାଦ୍ୟ ଖାଉଛନ୍ତି । ପିଲାଙ୍କ ଖାଇବା ଉପରେ ସତର୍କ ଦୃଷ୍ଟି ପକାଉଛନ୍ତି କୁଆ,ମାଙ୍କଡ ଓ କୁକୁର । ସେମାନଙ୍କ ଉପରେ ସତର୍କ ଦୃଷ୍ଟି ରଖୁଛନ୍ତି କର୍ମୀ ଓ ଦୁଇଜଣ ସହାୟିକା। ଏହା ଦେଖିବାକୁ ମିଳିଛି ଧରାକୋଟ ବ୍ଲକ ଜଗମୋହନ ୨ ଓ ୩ ନମ୍ବର ଅଙ୍ଗନୱାଡି କେନ୍ଦ୍ରରେ। ଦୁଇଟି କେନ୍ଦ୍ରରେ ପ୍ରାୟ ୪୦ ଜଣ ପିଲା ପଢୁଛନ୍ତି। ଘର ନାହିଁ, ବିଦ୍ୟୁତ୍ ନାହିଁ, ପାଣି ନାହିଁ, କଳାପଟା ନାହିଁ, ଖାଦ୍ୟ ଖାଇବା ପାଇଁ ଜାଗା ନାହିଁ। ପ୍ରକାଶ ଯେ, ୨୦୧୯-୨୦୨୦ରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ସରକାର ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଣ୍ଠିରୁ ୮ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର କରିଥିଲେ। କାମ ଆରମ୍ଭ ହୋଇଥିଲା। ଛାତ ନ ପକାଇ ଅଧପନ୍ତରିଆ ଭାବେ ଏହାକୁ ଛାଡ଼ି ଦିଆଗଲା । କାର୍ଯ୍ୟନିର୍ବାହୀ ସଂସ୍ଥା ବ୍ଲକ ପ୍ରଶାସନ ତରଫରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ସଂପୃକ୍ତ ଯନ୍ତ୍ରୀଙ୍କ ବଦଳି ହୋଇଯାଇଛି, ନୂତନ ଯନ୍ତ୍ରୀ ଦାୟିତ୍ୱ ନେବା ପରେ କାମ ଆରମ୍ଭ ହେବ। ପିଲାଙ୍କ ପାଇଁ ଗୃହ ନିର୍ମାଣ କରିବାକୁ ପ୍ରଶାସନକୁ ଦୁଇବର୍ଷ ଲାଗିଲାଣି। ତଥାପି କାମ ସରିନାହିଁ। ବର୍ତ୍ତମାନ ଏହା ଛେଳି ଗୁହାଳ ପାଲଟିଲାଣି। ସଂପ୍ରତି ନିର୍ବାଚିତ ସରପଞ୍ଚ ଲିନା କୁମାରୀ ମହାରଣା କହିଛନ୍ତି ଅର୍ଦ୍ଧ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ସମ୍ପୂର୍ଣ୍ଣ କରାଯିବା ସହ ପ୍ରସ୍ତାବିତ ନୂତନ କେନ୍ଦ୍ରର ଗୃହ ନିର୍ମାଣ ଓ ସରକାରଙ୍କ ଅନ୍ୟାନ୍ୟ ବିଭାଗର ପ୍ରସ୍ତାବିତ କାର୍ଯ୍ୟାଳୟ ସଦର ମହକୁମାରେ ତ୍ୱରିତ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ସେହିପରି ୨ ନମ୍ବର କେନ୍ଦ୍ରର କର୍ମୀ ଗତ ୨୫।୧୨।୨୦୨୧ରେ ମୃତ୍ୟୁ ବରଣ କରିଥିଲେ ମଧ ତାହା ପରଠାରୁ ଏହା ଖାଲି ପଡ଼ିଛି। କର୍ମୀ ନିଯୁକ୍ତି ପାଇଁ ସାକ୍ଷାତକାର ସରିଛି ହେଲେ ନିଯୁକ୍ତି ଦିଆଯାଉନାହିଁ । ଏଣୁ ଦୁଇ ଓ ତିନି ନମ୍ବର କେନ୍ଦ୍ରର ଠିକଣା ବଳା ମଣି ଠାକୁରାଣୀ ମନ୍ଦିର ପିଣ୍ଡା। କର୍ମୀଙ୍କ ସହ ଦୁଇଜଣ ସହାୟିକା ପିଲାଙ୍କ ତଦାରଖ କରୁଛନ୍ତି । କର୍ମୀଙ୍କ ଘରେ ରୋଷେଇ ହୋଇ ପିଲାଙ୍କ ନିମନ୍ତେ ଖାଦ୍ୟ ଆସୁଛି । ବର୍ଷା, ଶୀତ ଦିନରେ ପିଲାଙ୍କ କଥା ନ କହିବା ଭଲ। ଘଟଣା ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କହିଛନ୍ତି ସେ ଏ ନେଇ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।



ଅର୍ଦ୍ଧନିର୍ମିତ ଅଙ୍ଗନୱାଡି ଗୃହ ।